# ବାର୍ଷିକ କାର୍ଯ୍ୟ ବିବରଣୀ
## ୨୦୨୫ - ୨୦୨୬




ବାଣିଜ୍ୟ ଓ ପରିବହନ ବିଭାଗ

# ସୂଚୀ ସାରଣୀ


୧. ବାଣିଜ୍ୟ ଓ ପରିବହନ ବିଭାଗ ....................5

୧. ୧. ବାଣିଜ୍ୟ ଶାଖା ....................5

୧.୨. ପରିବହନ ଶାଖା ....................6

୨. ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ....................9

୨.୧. ଓଡ଼ିଶାର ସାମୁଦ୍ରିକ କ୍ଷେତ୍ର : ....................9

୨.୨. କାର୍ଯ୍ୟକ୍ଷମ ଥିବା ବନ୍ଦର ....................10

୨.୨.୧. ଧାମରା ବନ୍ଦର ....................11

୨.୨.୨. ଗୋପାଳପୁର  ବନ୍ଦର ....................12

୨.୩. ବିକାଶଧିନ ବନ୍ଦର ....................13

୨.୩.୧ ସୁବର୍ଣ୍ଣରେଖା ବନ୍ଦର ....................13

୨.୩.୨. ଅସ୍ତରଙ୍ଗ ବନ୍ଦର ....................14

୨.୩.୩. ବାହୁଦା ମୁହାଁଣ  ବନ୍ଦର ....................14

୨.୩.୪. ନଦୀଭିତ୍ତିକ ବନ୍ଦର ....................14

୨.୩.୫. ଜଟାଧାରୀ ମୁହାଣଠାରେ ଏକ ନିଜସ୍ୱ ଜେଟୀ ....................14

୨.୩.୬. କ୍ରୁଜ୍ ଟର୍ମିନାଲ୍‌ର ବିକାଶ ....................15

୨.୩.୭. ଜାହାଜ ନିର୍ମାଣ ଓ ମରାମତି କାରଖାନା ....................15

୨.୪. ରାଜ୍ୟର ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ସେବା ....................15

୨.୪.୧. ଯାତ୍ରୀ ପରିବହନ ସେବା ....................15

୨.୪.୨. ଯାତ୍ରୀବାହି ନୌକାର ପଞ୍ଜିକରଣ ଓ ନବୀକରଣ ....................16

୨.୪.୩. ସହିଦ ବାଜିରାଉତ ନୌଯାତ୍ରା ସୁରକ୍ଷା ଯୋଜନା ....................16

୨.୪.୪. ଦକ୍ଷତା ପ୍ରମାଣପତ୍ର ....................17

୨.୪.୫. ସାଗରମାଳା କାର୍ଯ୍ୟକ୍ରମ ଅଧୀନସ୍ଥ  ପ୍ରକଳ୍ପ ....................17

୨.୪.୬. ରାଜ୍ୟରେ ଥିବା ଜାତୀୟ ଜଳପଥର ସ୍ଥିତି ....................19

୨.୫. ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଚାନ୍ଦବାଲି ....................21

୨.୫.୧. ସାମୁଦ୍ରିକ ଶିକ୍ଷା ଏବଂ ବୈଜ୍ଞାନିକ ଗବେଷଣାର ପ୍ରସାର ....................22

୩. ମୁଦ୍ରଣ, ଲିଖନସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ ....................24

୩.୧. ସାଙ୍ଗଠନିକ / ପ୍ରବର୍ତ୍ତନ ସଂସ୍ଥାପନ ଗଠନ: ....................24

୩.୧.୧. ସରକାରୀ ମୁଦ୍ରଣାଳୟର ୩୧-୦୧ -୨୦୨୬ ସୁଦ୍ଧା ମୂଳ ପଦବୀ ଏବଂ ଶୂନ୍ୟସ୍ଥାନ ସଂଖ୍ୟା: ....................24

୩.୧.୨. ନିର୍ଦ୍ଦେଶାଳୟର ପ୍ରମୁଖ କାର୍ଯ୍ୟ : ....................25

୩.୩. ପ୍ରେସ୍ ପ୍ରପର (ପି.ପି.) ଶିଳ୍ପ ୟୁନିଟ୍ : ....................25

୩.୩.୧. ପଦବୀ ସଂଖ୍ୟା : ....................26

୩.୩.୨. ପି.ପି.ୟୁନିଟ ଅଧୀନରେ ସମ୍ପାଦିତ କାର୍ଯ୍ୟର ବିବରଣୀ: (୩୧.୦୧.୨୦୨୬ ତାରିଖ ସୁଦ୍ଧା) ....................26

୩.୪. ପି.ପି. ୟୁନିଟ୍ ଅଧୀନରେ କାର୍ଯ୍ୟ କରୁଥିବା ଶାଖା ମୁଦ୍ରଣାଳୟ :..........26
୩.୪.୧. ସଚିବାଳୟ ଶାଖା ପ୍ରେସ୍, ଭୁବନେଶ୍ୱର :..........26
୩.୪.୨. ଶାଖା ସରକାରୀ ପ୍ରେସ୍, ଖଣ୍ଡପଡ଼ା :..........27
୩.୪.୩. ଶାଖା ସରକାରୀ ପ୍ରେସ୍, ଛତ୍ରପୁର :..........27
୩.୪.୪. ପ୍ରକାଶନ ୟୁନିଟ୍ :..........27
୩.୪.୫. ଫର୍ମସ୍ ୟୁନିଟ୍ :..........28
୩.୪.୬. ଫର୍ମସ୍ ୟୁନିଟ୍ ଅଧୀନରେ ଶାଖା ମୁଦ୍ରଣାଳୟ:..........29
୩.୪.୭. ମୁଦ୍ରଣ ବିଦ୍ୟାଳୟ:..........31
୩.୪.୮. ଷ୍ଟେସନାରୀ ୟୁନିଟ୍:..........33
୩.୪.୯. ନିର୍ଦ୍ଦେଶାଳୟ ଦ୍ୱାରା ସଂଗୃହୀତ ରାଜସ୍ୱ (୩୧-୦୧ -୨୦୨୬ ପର୍ଯ୍ୟନ୍ତ):..........34
୩.୪.୯. ଇ-ଇଣ୍ଡେଣ୍ଟ ଓ ସପ୍ଲାଇ ପରିଚାଳନା ପ୍ରଣାଳୀ (e-ISMS):..........34
୪. ରାଜ୍ୟ ପରିବହନ ପ୍ରାଧିକରଣ (STA)..........36
୪.୧ ମୋଟର ଯାନ ରାଜସ୍ୱ (ଟିକସ ଓ ଶୁଳ୍କ)..........36
୪.୨ ମୋଟର ଯାନ ଟିକସ ବକେୟା ଏବଂ ରିହାତି ଯୋଜନା..........36
୪.୩. ଇ-ଚାଲାଣରେ ଏକକାଳୀନ ସମାଧାନ (OTS) ଯୋଜନା..........38
୪.୪. ବ୍ୟକ୍ତିଗତ ଲାଇସେନ୍ସିଂ..........38
୪.୫. ମୋଟର ଯାନ ପଞ୍ଜିକରଣ:..........39
୪.୬. ଫିଟନେସ୍ ପ୍ରମାଣପତ୍ର ପ୍ରଦାନ..........40
୪.୭.ବାଣିଜ୍ୟିକ ଯାନ ନିମନ୍ତେ ପରମିଟ୍ ପ୍ରଦାନ..........40
୪. ୮. ସଡ଼କ ସୁରକ୍ଷା..........41
୪. ୮.୧ ଡ୍ରାଇଭିଂ ଇଲୋକ୍ଟ୍ରୋନିକ ଏନଫୋର୍ସମେଣ୍ଟ ଟୁ ସେଭ୍ ହ୍ୟୁମାନ ଲାଇଭ୍ସ:..........41
୪.୮.୨. ଇ-ଡିଟେକ୍ସନ୍..........42
୪.୮.୩ ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା ବ୍ୟବସ୍ଥା (ADTS)..........43
୪.୮.୪.ସ୍ୱୟଂକ୍ରିୟ ଯାନ ପରୀକ୍ଷଣ କେନ୍ଦ୍ର (ATS)..........43
୪.୮.୫.ପଞ୍ଜିକୃତ ଯାନ ସ୍କ୍ରାପିଂ ସୁବିଧା (RVSF)..........44
୪.୮.୬. ଶୂନ ଦୁର୍ଘଟଣା ଦିବସ (ZAD)..........44
୪.୮.୭. ଶୂନ ମୃତାହତ ପକ୍ଷ..........44
୪.୮.୮.ଜାତୀୟ ସଡ଼କ ସୁରକ୍ଷା ମାସ..........45
୪.୮.୯. ବିଦ୍ୟାଳୟ ଅଞ୍ଚଳ ସୁରକ୍ଷା ରେଟିଂ..........46
୪.୮.୧୦. ବୈଦ୍ୟୁତିକ ଯାନ..........47
୪.୮.୧୧. ସୁବାହକ ସୁବିଧା..........47
୪. ୮.୧୨. ଟ୍ରକ୍ ଟର୍ମିନାଲ..........47
୪. ୮.୧୩. ଘାଟି ରାସ୍ତାରେ ସତର୍କ ସୂଚନା ଘଣ୍ଟି..........48
୪. ୮.୧୪. ଯାନ ଚାଳନା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ (IDTR)..........48

୪.୮.୧୫. ଆତ୍ମନିର୍ଭର ମହିଳା ସୁବାହକ(ଆମ ସୁବାହକ): ....49
୪.୮.୧୬. ଓଡ଼ିଶା ମୋଟର ପରିବହନ ଡ୍ରାଇଭର ଏବଂ ଶ୍ରମିକ କଲ୍ୟାଣ ବୋର୍ଡ ....49
୫. ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସଆରଟିସି) ....51
୫.୧. ନିଗମ ବିଷୟରେ....51
୫.୨. ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମବିଏସ)....51
୫.୩. ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ" ପ୍ରିମିୟମ୍ ବସ୍ ସେବା ....54
୫.୪. ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ବସ ବାହିନୀ ସୁଦୃଢ଼ିକରଣ ....56
୫.୫. ସଡ଼କ ସୁରକ୍ଷା ପଦକ୍ଷେପ....57
୫.୬. ଆଇଟିଏମଏସ୍ ଓ ଆଇସିସିସି....58
୫.୭. ସ୍ମାର୍ଟ ଟ୍ରାନ୍ସିଟ୍ କାର୍ଡ ମାଧ୍ୟମରେ ନଗଦବିହୀନ ଟିକେଟିଂ ....59
୫.୮ ଅଟଳ ବସ୍ ଷ୍ଟାଣ୍ଡ (ଏବିଏସ୍) ....60
ରେଳ ସମନ୍ୱୟ....63
ନିର୍ଦ୍ଦେଶାଳୟ ....63
୬. ରେଳ ସମନ୍ୱୟ ନିର୍ଦ୍ଦେଶାଳୟ....64
୬.୧. ଚାଲୁଥିବା ରେଲୱେ ପ୍ରକଳ୍ପଗୁଡିକ ....64
୬.୨. ରାଜ୍ୟର ଆର୍ଥିକ ଅଂଶୀଦାରିତା ସହିତ ଚାଲୁଥିବା ରେଳ ପ୍ରକଳ୍ପ....64
୬.୩. ସମ୍ପ୍ରତି ଅନୁମୋଦିତ ନୂତନ ଲାଇନ୍ ପ୍ରକଳ୍ପଗୁଡ଼ିକ ....65
୭. ବିମାନ ଚଳାଚଳ ନିର୍ଦ୍ଦେଶାଳୟ ....67
୭.୧. ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନ ବନ୍ଦର (SJIA):....67
୭.୨. ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ MRO ସୁବିଧା: ....67
୭.୩. 'ବି-ମାନ' (B-MAAN) ଯୋଜନାର ଶୁଭାରମ୍ଭ: ....67
୭.୪. ହେଲିପୋର୍ଟ ବିକାଶ: ....67
୭.୫ . ମୟୂରଭଞ୍ଜ ଜିଲ୍ଲାରେ ପାଇଲଟ୍ ତାଲିମ କେନ୍ଦ୍ର ପ୍ରତିଷ୍ଠା:....68
୭.୬ . ବ୍ରହ୍ମପୁର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ଠାରେ ଓଡ଼ିଶାର ପ୍ରଥମ ୟୁଏଭି (ଡ୍ରୋନ୍) ତାଲିମ ଏବଂ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା: ....68
୭.୭. 'ୱିଙ୍ଗସ୍ ଇଣ୍ଡିଆ ୨୦୨୬'ରେ ଓଡ଼ିଶାର ଭବିଷ୍ୟତ ଲକ୍ଷ୍ୟ; ମହିଳା ନେତୃତ୍ୱ ଏବଂ ଦକ୍ଷତା ଭିତ୍ତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ: ....68
୭.୧. ଅବୁଧାବିକୁ ପ୍ରଥମ ବିମାନ ଏବଂ କାର୍ଗୋ ବିମାନ ସେବାର ଶୁଭାରମ୍ଭ ସହ ଓଡ଼ିଶାର ବିଶ୍ୱସ୍ତରୀୟ ସମ୍ପର୍କ ବୃଦ୍ଧି ....70

# ବାଣିଜ୍ୟ ଓ ପରିବହନ

# ବିଭାଗ

୧

# ୧. ବାଣିଜ୍ୟ ଓ ପରିବହନ ବିଭାଗ

ବାଣିଜ୍ୟ ଓ ପରିବହନ ବିଭାଗ ୧୯୭୪ ମସିହାରେ ସ୍ଥାପିତ ହୋଇଥିଲା। ଏହି ବିଭାଗରେ ଦୁଇଟି ଶାଖା ରହିଛି, ଯଥା – ବାଣିଜ୍ୟ ଶାଖା ଓ ପରିବହନ ଶାଖା।

## ୧. ୧. ବାଣିଜ୍ୟ ଶାଖା

ବାଣିଜ୍ୟ ବିଭାଗ ଦୁଇଟି ପ୍ରମୁଖ ନିର୍ଦ୍ଦେଶାଳୟକୁ ପରିଚାଳନା କରେ – ମୁଦ୍ରଣ, ଲେଖନୀ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ, କଟକ ଏବଂ ବନ୍ଦର ଓ ଅନ୍ତର୍ଦେଶୀୟ ଜଳ ପରିବହନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର। ଏହା ସହିତ ସରକାରଙ୍କ ସମସ୍ତ ଅସାଧାରଣ ଗଜେଟ୍‌କୁ ଅଧିକୃତ ୱେବସାଇଟ୍‌ରେ ପ୍ରକାଶ କରିବାର ଦାୟିତ୍ୱ ମଧ୍ୟ ଏହି ବିଭାଗରେ ରହିଛି। ନାମ ପରିବର୍ତ୍ତନ, ସହଭାଗୀତା ଚୁକ୍ତିପତ୍ର, ବିଭିନ୍ନ ବିଭାଗ, ସରକାରୀ ଉଦ୍ୟମ ଓ ବିଶ୍ୱବିଦ୍ୟାଳୟ ଆଦିଙ୍କର ସଙ୍କଳ୍ପ ଓ ସୂଚନା ଏହା ମଧ୍ୟରେ ଅନ୍ତର୍ଭୁକ୍ତ ।

ମୁଦ୍ରଣ, ଲେଖନୀ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ (DPS&P) ଏକ ଅର୍ଦ୍ଧ-ଔଦ୍ୟୋଗିକ ସେବା ସଂଗଠନ ଯାହା ନିର୍ଦ୍ଧାରିତ ଓ ଅନିର୍ଦ୍ଧାରିତ ଫର୍ମ ମୁଦ୍ରଣ, ରାଜ୍ୟ ସରକାରୀ ଗଜେଟ୍, ସରକାରୀ ପ୍ରକାଶନ, ସରକାରୀ ଡାୟାରୀ, ରାଜ୍ୟ ବଜେଟ୍ ମୁଦ୍ରଣ ଇତ୍ୟାଦି ସେବା ପ୍ରଦାନ କରେ।

ଏହି ବିଭାଗର ରଣନୀତିମୂଳକ ଦୃଷ୍ଟିକୋଣର ମୁଖ୍ୟ କେନ୍ଦ୍ରବିନ୍ଦୁ ହେଉଛି ଓଡିଶା ମେରିଟାଇମ୍ ବୋର୍ଡ (OMB)। ଅଗଷ୍ଟ ୨୦୨୨ ରେ ସ୍ଥାପିତ OMB କୁ ଅଣବୃହତ ବନ୍ଦର ଓ ଅରାଷ୍ଟ୍ରୀୟକୃତ ଅନ୍ତର୍ଦେଶୀୟ ଜଳପଥ ସମ୍ବନ୍ଧୀୟ କାର୍ଯ୍ୟକଳାପ ସମନ୍ୱୟ ପାଇଁ ନୋଡାଲ୍ ଏଜେନ୍ସି ଭାବେ ନିଯୁକ୍ତ କରାଯାଇଛି। ଏହାର ଲକ୍ଷ୍ୟ ହେଉଛି କାର୍ଯ୍ୟକୁଶଳତା ବୃଦ୍ଧି, ସୁସ୍ଥାୟୀ ପଦ୍ଧତି ପ୍ରୋତ୍ସାହନ ଏବଂ ଓଡିଶାକୁ ସମୁଦ୍ର ପରିବହନ ଓ ପରିଚାଳନାରେ ଅଗ୍ରଣୀ ରାଜ୍ୟ ଭାବେ ସ୍ଥାପିତ କରିବା।

OMB ର ଲକ୍ଷ୍ୟ ସାଧନରେ ବନ୍ଦର ଓ ଅନ୍ତର୍ଦେଶୀୟ ଜଳ ପରିବହନ ନିର୍ଦ୍ଦେଶାଳୟ (DP&IWT) ଦ୍ୱାରା ପରିଚାଳିତ ବ୍ୟାପକ ସମୁଦ୍ର ଓ ଜଳପଥ ପରିବେଶ ସହଯୋଗ କରୁଛି। ଏହାର ଅଂଶ ଭାବେ ନଭେମ୍ବର ୨୦୨୨ ରେ ପ୍ରକାଶିତ ଓଡିଶା ବନ୍ଦର ନୀତିକୁ ସମଗ୍ର ବିକାଶ ପାଇଁ କାର୍ଯ୍ୟକରୀ କରାଯାଉଛି।


ଚାନ୍ଦବାଲିରେ ଅବସ୍ଥିତ କ୍ରୁ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ୧୯୭୯ ରୁ କାର୍ଯ୍ୟରତ ଅଛି। ଏହା ଅନ୍ତର୍ଦେଶୀୟ ଜାହାଜ ପରିଚାଳନା ପାଇଁ ବିଶେଷ ପ୍ରଶିକ୍ଷଣ ଦେଇଥାଏ ଏବଂ ମାରିଟାଇମ୍ କ୍ଷେତ୍ର ପାଇଁ କୁଶଳ ମାନବଶକ୍ତି (ଲଞ୍ଚ ଡ୍ରାଇଭର, ସେରାଙ୍ଗ ଇତ୍ୟାଦି) ପ୍ରଦାନ କରେ।

## ୧.୨. ପରିବହନ ଶାଖା

ପରିବହନ ବିଭାଗ ସଡକ ପରିବହନ ନିୟମନ, ରେଳ ସମନ୍ୱୟ ଓ ବିମାନ ପରିବହନ କ୍ଷେତ୍ର ସମ୍ବନ୍ଧୀୟ କାର୍ଯ୍ୟଭାର ନିବାହ କରେ। ଏହି ବିଭାଗ ମୋଟର ଯାନ ଆଇନ, ୧୯୮୮ ଓ ମୋଟର ଯାନ କର ଆଇନ, ୧୯୭୫ ଏବଂ ସେହିଅନୁସାରେ ନିର୍ମିତ ନିୟମମାନଙ୍କୁ ପରିଚାଳନା କରେ।

ଏହା ସହିତ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (STA), ଅଞ୍ଚଳୀୟ ପରିବହନ କାର୍ଯ୍ୟାଳୟ (RTO) ଓ ନାଗରିକ ବିମାନ ପରିଚାଳନା ନିର୍ଦ୍ଦେଶାଳୟର କାର୍ଯ୍ୟକଳାପକୁ ନିରୀକ୍ଷଣ ଓ ନିୟନ୍ତ୍ରଣ କରେ। ଏହି ବିଭାଗ ଅଧୀନରେ ଓଡିଶା ରାଜ୍ୟ ସଡକ ପରିବହନ ନିଗମ (OSRTC) କାର୍ଯ୍ୟରତ ଅଛି।

ତଦୁପରି, କଟକରେ ଅବସ୍ଥିତ ରାଜ୍ୟ ପରିବହନ ଅପିଲ୍ ଟ୍ରିବ୍ୟୁନାଲ୍ (STAT) ଏବଂ କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଅବସ୍ଥିତ ଦ୍ୱିତୀୟ ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ୍ (MACT) ମୁଖ୍ୟତଃ ମୋଟର ଦୁର୍ଘଟଣା ଦାବି ମାମଲାମାନଙ୍କର ନିଷ୍ପତ୍ତି କାର୍ଯ୍ୟକୁ ତଦାରଖ କରନ୍ତି।



# ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ

୯


# ୨. ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ

## ୨.୧. ଓଡ଼ିଶାର ସାମୁଦ୍ରିକ କ୍ଷେତ୍ର :

ଓଡିଶା ଏକ ପ୍ରମୁଖ ସାମୁଦ୍ରିକ ରାଜ୍ୟ ଯାହାର ବିସ୍ତୃତି ଉପକୂଳ ଉତ୍ତରରେ ବାଲେଶ୍ୱର ଜିଲ୍ଲାର ତାଳସରୀ ଠାରୁ ଦକ୍ଷିଣ ରେ ବାହୁଡା ମୁହାଣ ପର୍ଯ୍ୟନ୍ତ ବିସ୍ତୃତି । ଏହି ସୁଦୀର୍ଘ ଉପକୂଳରେ ବହୁତ ଗୁଡିଏ ସମ୍ଭାବିତ ସ୍ଥାନ ଅଛି ଯେଉଁଠାରେ ଅଣବୃହତ ବନ୍ଦର, ମତ୍ସ୍ୟ ପୋତାଶ୍ରୟ ତଥା ଉପକୂଳ ପରିବହନ ଭିତ୍ତିଭୂମିର ବିକାଶ କରାଯାଇ ପାରିବ । ଓଡିଶା ଉପକୂଳରେ ବିଶ୍ୱସ୍ତରୀୟ ସାମୁଦ୍ରିକ ଭିତ୍ତିଭୂମିର ସ୍ଥାପନ କରାଯାଇ ରାଜ୍ୟର ଅର୍ଥନୈତିକ ଓ ସାମାଜିକ ବିକାଶ କରାଇବା ସହିତ ଅନ୍ତର୍ଦ୍ଦେଶୀୟ ଜଳପଥରେ ଥିବା ନଦୀ, ହ୍ରଦ ଓ କେନାଲ ପରି ବିଭିନ୍ନ ଜଳସ୍ରୋତର ନିରାପଦ ନୌପରିବହନ କୁ ସୁନିଶ୍ଚିତ କରାଇବା ପ୍ରମୁଖ କାର୍ଯ୍ୟ ଅଟେ । ସେହିପରି ଓଡିଶା ର ସମନ୍ୱିତ ଉପକୂଳ ଓ ଅନ୍ତର୍ଦ୍ଦେଶୀୟ ଜଳପଥର ବିକାଶ ନିମିତ୍ତ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ଏକ ପରିବେଶ ଏବଂ ବିନିଯୋଗ ଅନୁକୂଳ ନୀତି ନିର୍ଦ୍ଧାରଣ କରିବା ଏହି ନିର୍ଦ୍ଦେଶାଳୟ ପ୍ରମୁଖ ଲକ୍ଷ୍ୟ ଅଟେ।

ସେହିପରି ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ , ଇନ୍ଧନ ମିତବ୍ୟୟୀ, ଅର୍ଥନୈତିକ ଏବଂ ପରିବେଶ ଅନୁକୂଳ ପରିବହନ ମାଧ୍ୟମ ଅଟେ । ରାଜ୍ୟର ବ୍ୟାପକଭାବେ ଅନ୍ତର୍ଦ୍ଦେଶୀୟ ଜଳପଥ ଯଥା : ନଦୀ, ଜଳଭଣ୍ଡାର, ହ୍ରଦ ଓ କେନାଲର ଉପଯୋଗ କରାଯାଇ ଯାତ୍ରୀ ପରିବହନ ସେବାରେ ବ୍ୟବହାର କରାଯାଉଅଛି । ବାଣିଜ୍ୟ ଓ ପରିବହନ ବିଭାଗ, ଓଡିଶା ସରକାରଙ୍କ ଅଧିନସ୍ଥ ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ତରଫରୁ ରାଜ୍ୟର ୦୬ (ଛଅ) ଗୋଟି ମାର୍ଗରେ ୦୨ (ଦୁଇ) ଗୋଟି ସେକ୍ଟର ଯଥା- ଚାନ୍ଦବାଲି ଓ ବାଲୁଙ୍ଗା ଠାରେ ଲଞ୍ଚ୍ ଦ୍ୱାରା ଯାତ୍ରୀବାହୀ ନୌପରିବହନ ବ୍ୟବସ୍ଥା ଚାଲୁ ରହିଛି।

ଦେଶରେ ଜଳପଥର ବିକାଶ ନିମନ୍ତେ ଭାରତ ସରକାର ଜାତୀୟ ଜଳମାର୍ଗ ନୀତି-୨୦୧୬ (ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା ୧୮, ତା୨୬-୦୩-୨୦୧୬) ପ୍ରଣୟନ କରିଅଛନ୍ତି। ଏହି ନୀତି ଅନୁଯାୟୀ ୧୧୧ (ଏକ ଶତ ଏଗାର) ଗୋଟି ଜଳପଥକୁ ଜାତୀୟ ଜଳପଥ ରୂପେ ଘୋଷଣା କରାଯାଇଅଛି । ସେଥିମଧ୍ୟରୁ ୦୬ (ଛଅ) ଗୋଟି ଜଳପଥ ଯଥା : ଜାତୀୟ ଜଳମାର୍ଗ-୫, ଜାତୀୟ ଜଳମାର୍ଗ-୧୪, ଜାତୀୟ ଜଳମାର୍ଗ-୨୨,



ଜାତୀୟ ଜଳମାର୍ଗ-୨୩, ଜାତୀୟ ଜଳମାର୍ଗ-୬୪ ଓ ଜାତୀୟ ଜଳମାର୍ଗ-୯୬ ଓଡିଶାରେ ଅନ୍ତର୍ଭୁକ୍ତ ।

(ବିଜ୍ଞପ୍ତି ପ୍ରକାଶ ହୋଇଥିବା ସ୍ଥାନ ସମୂହ )

ରାଜ୍ୟରେ ବନ୍ଦର ବିକାଶ ନିମିତ୍ତ ବିଜ୍ଞପ୍ତି ପ୍ରକାଶ ହୋଇଥିବା ପ୍ରାସ୍ତବ୍ୟ  ସ୍ଥାନ ଗୁଡିକ ହେଲା ;

| କ୍ରମ ସଂଖ୍ୟା | ବନ୍ଦର ସ୍ଥାନର ନାମ | ଜିଲ୍ଲା | ଅବସ୍ଥାନ (Co-ordinates) | ଓଡ଼ିଶା ରାଜ୍ୟ ରାଜପତ୍ର ର ସଂଖ୍ୟା ଓ ତାରିଖ |
|---|---|---|---|---|
| ୦୧ | ବିଚିତ୍ରପୁର (ତଳସରି) | ବାଲେଶ୍ୱର | ଆକ୍ଷାଂଶ: 21°35'30.21"N, ଦ୍ରାଘିମା: 87°26'54.82"E | No.1704, Dt.25.11.2009 |
| ୦୨ | ବାହାବଳପୁର | ବାଲେଶ୍ୱର | ଆକ୍ଷାଂଶ: 21°29'8.09"N, ଦ୍ରାଘିମା: 87° 5'15.52"E | No.1238, Dt.22.08.2015 |
| ୦୩ | ଚାନ୍ଦିପୁର | ବାଲେଶ୍ୱର | ଆକ୍ଷାଂଶ: 21°27'6.25"N, ଦ୍ରାଘିମା: 87° 2'18.61"E | No.470, Dt.11.04.1997 |
| ୦୪ | ଇଞ୍ଚୁଡି | ବାଲେଶ୍ୱର | ଆକ୍ଷାଂଶ: 21°19'52.28"N, ଦ୍ରାଘିମା: 86°54'30.24"E | No.470, Dt.11.04.1997 |
| ୦୫ | ଚୁଡାମଣି | ଭଦ୍ରକ | ଆକ୍ଷାଂଶ: 21° 2'37.62"N, ଦ୍ରାଘିମା: 86°51'48.76"E | No.470, Dt.11.04.1997 |
| ୦୬ | ବାଲିହରଚଣ୍ଡୀ | ପୁରୀ | ଆକ୍ଷାଂଶ: 19°49'10.00"N, ଦ୍ରାଘିମା: 85°54'41.79"E | No.470, Dt.11.04.1997 |
| ୦୭ | ପାଲୁର | ଗଞ୍ଜାମ | ଆକ୍ଷାଂଶ: 19°26'8.38"N, ଦ୍ରାଘିମା: 85° 7'48.16"E | No.470, Dt.11.04.1997 |
| ୦୮ | ବାହୁଦା ମୁହାଣ (ସୋନପୁର) | ଗଞ୍ଜାମ | ଆକ୍ଷାଂଶ: 19° 6'38.54"N, ଦ୍ରାଘିମା: 84°46'59.76"E | No.470, Dt.11.04.1997 |

## ୨.୨. କାର୍ଯ୍ୟକ୍ଷମ ଥିବା ବନ୍ଦର

ବର୍ତ୍ତମାନ ରାଜ୍ୟର ୦୨ (ଦୁଇ) ଗୋଟି ଅଣ-ବୃହତ ବନ୍ଦର ଯଥା: ଧାମରା ଓ ଗୋପାଳପୁର ରାଜ୍ୟ  ସରକାରଙ୍କ ଅଧୀନରେ କାର୍ଯ୍ୟକ୍ଷମ ଅଛି ।

### ୨.୨.୧. ଧାମରା ବନ୍ଦର

ଧାମରା ଅଣ-ବୃହତ ବନ୍ଦର ଧାମରା ନଦୀର ଉତ୍ତର ପାର୍ଶ୍ୱରେ ଅବସ୍ଥିତ, ଯାହାର ଆକ୍ଷାଂଶ: 20°49'42.45"N , ଦ୍ରାଘିମା: 86°57'51.21"E । ଏହି ବନ୍ଦର ଦକ୍ଷିଣରେ ପଶ୍ଚିମବଙ୍ଗର ହଳଦିଆ ବନ୍ଦର ଠାରୁ ୧୦୦ ସାମୁଦ୍ରିକ ଦୂରତାରେ ଓ ଉତ୍ତରରେ ପାରାଦ୍ୱୀପ ଠାରୁ ୫୦ ସାମୁଦ୍ରିକ ଦୂରତାରେ ଅବସ୍ଥିତ। ଧାମରା ବନ୍ଦର ଟି ଶିଳ୍ପ ସମୃଦ୍ଧ ରାଜ୍ୟ ଯଥା- ଓଡିଶା, ଝାଡଖଣ୍ଡ ଓ ଛତିଶଗଡର ନିକଟବର୍ତ୍ତି ଅଞ୍ଚଳ ଅଟେ ।

ଧାମରା ବନ୍ଦର ଏହାର ପ୍ରଥମ ପଯ୍ୟାୟ ଉନ୍ନୟନ କାର୍ଯ୍ୟ ସମାପ୍ତ ପରେ ବ୍ୟବସାୟିକ ବାଣିଜ୍ୟ କାରବାର କରୁଅଛି । ବର୍ତ୍ତମାନ ଏହାର ଦ୍ୱିତୀୟ ପର୍ଯ୍ୟାୟ ସଂପ୍ରସାରଣ କାର୍ଯ୍ୟ ଚାଲୁରହିଅଛି । ଏହି ବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ସଂପ୍ରସାରଣ ନିମିତ୍ତ ୭୫୬.୦୪୨ ଏକର ଜମି ବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଅଛି । ଦ୍ୱିତୀୟ ପର୍ଯ୍ୟାୟ ସଂପ୍ରସାରଣ ପରେ ଏହି ବନ୍ଦରର ପଣ୍ୟ ପରିବହନ କ୍ଷମତା ୧୩ (ତେର) ଗୋଟି ବର୍ଥ ଦ୍ୱାରା ୧୦୯ ମିଲିୟନ ମେଟ୍ରିକ ଟନ ହେବ । ବର୍ତ୍ତମାନ ଏହି ବନ୍ଦରର ୦୫ (ପାଞ୍ଚ) ଗୋଟି ବର୍ଥ କାର୍ଯ୍ୟକ୍ଷମ ଅଛି ଓ ପରବର୍ତ୍ତୀ ଉନ୍ନୟନ କାର୍ଯ୍ୟ ଜାରି ରହିଅଛି ଓ ଅଦ୍ୟାବଧି ପ୍ରାୟ ୯,୪୦୪.୯୨ କୋଟି ଟଙ୍କା ଖର୍ଚ୍ଚ ହୋଇଅଛି ।

ଧାମରା ବନ୍ଦର ପରିସରରେ ଏକ ୬.୫ ମିଲିୟନ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ LNG ଟର୍ମିନାଲ ତା୨୧-୦୫-୨୦୨୩ ରିଖଠାରୁ କାର୍ଯ୍ୟକ୍ଷମ ହୋଇଅଛି ଯାହାର କ୍ଷମତା ଭବିଷ୍ୟତରେ ୧୦ ମିଲିୟନ ମେଟ୍ରିକ ଟନ ହେବ । ଏହା ଆସାମ, ବିହାର, ଓଡ଼ିଶା, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ଭଳି ପୂର୍ବ ଭାରତର ରାଜ୍ୟଗୁଡ଼ିକର ଶକ୍ତି ଆବଶ୍ୟକତା ପୂରଣ କରିବା ନିମିତ୍ତ ସକ୍ଷମ ଅଟେ ।

ଧାମରା ବନ୍ଦର ଦ୍ୱାରା ଆମଦାନୀ ଓ ରପ୍ତାନୀ ହୋଇଥିବା ପଣ୍ୟ ପରିବହନର ତଥ୍ୟ ସହ ରାଜ୍ୟ ସରକାର ପାଇଥିବା ରାଜସ୍ୱ ଅଂଶର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଆର୍ଥିକ ବର୍ଷ | ପଣ୍ୟ ପରିବହନ (ମିଲିୟନ ମେଟ୍ରିକ ଟନ ରେ ) | | | | ରାଜ୍ୟ ସରକାରଙ୍କ ରାଜସ୍ୱ ଅଂଶ |
|---|---|---|---|---|---|
| | ଆମଦାନୀ | ରପ୍ତାନୀ | ଉପକୂଳ ପରିବହନ | ମୋଟ | |
| (୨) | (୩) | (୪) | (୫) | (୬) | |
| ୨୦୨୫-୨୬ (ଡିସେମ୍ବର, ୨୦୨୫ ସୁଦ୍ଧା) | ୨୩.୫୦ | ୭.୨୭ | ୪.୬୪ | ୩୫.୪୧ | ୧୩୫,୯୦,୬୧,୧୧୭ ଟଙ୍କା |

ଧାମରା ବନ୍ଦରର ପ୍ରକଳ୍ପର କାର୍ଯ୍ୟ ଏବଂ ପରିଚାଳନା ନିମନ୍ତେ ହୋଇଥିବା ନିଯୁକ୍ତି ସମ୍ପର୍କିତ ବିବରଣୀ

| ଭଦ୍ରକ ଜିଲ୍ଲାରୁ | ଭଦ୍ରକ ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରୁ | ସମଗ୍ର ରାଜ୍ୟରୁ | ରାଜ୍ୟ ବାହାରୁ | ସର୍ବମୋଟ | ନିଯୁକ୍ତିରେ ସ୍ଥାନୀୟ ଲୋକଙ୍କ ପ୍ରତିଶତ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୪,୦୯୧ | ୨,୦୫୯ | ୬,୧୫୦ | ୨,୫୮୨ | ୮,୭୩୨ | ୭୦.୪୩% |

୨.୨.୨. ଗୋପାଳପୁର  ବନ୍ଦର

ଗୋପାଳପୁର ଋତୁକାଳୀନ ଅଣ-ବୃହତ ବନ୍ଦର ଭାବେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ୧୯୮୬-୧୯୮୭ ମସିହାରୁ ପରିଚାଳିତ ହେଉଥିଲା । ଏହି ବନ୍ଦରକୁ ସରକାରୀ-ଘରୋଇ-ସହଭାଗୀତା ଆଧାରରେ ଏକ ସବୁଦିନିଆ ବନ୍ଦର ରୂପେ ବିକଶିତ କରିବା ନିମିତ୍ତ ଗୋପାଳପୁର ପୋର୍ଟ୍ସ ଲିମିଟେଡଙ୍କୁ ଆନ୍ତର୍ଜାତୀୟ ବିଡିଙ୍ଗ ପ୍ରକ୍ରିୟାରେ ଚୟନ କରଯାଇଥିଲା। ଏଥିନିମନ୍ତେ, ଗୋପାଳପୁର ପୋର୍ଟ୍ସ ଲିମିଟେଡଙ୍କ ସହିତ ଓଡିଶା ସରକାର ତା୧୪-୦୯-୨୦୦୬ରିଖରେ ଏକ ରିହାତି ଚୁକ୍ତିନାମା (Concession Agreement) ସ୍ୱାକ୍ଷର କରିଥିଲେ ।

ଗୋପାଳପୁର ବନ୍ଦର ଏହାର ସବୁଦିନିଆ ବାଣିଜିକ କାରବାର ତା୨୯-୦୩-୨୦୧୩ ରିଖ ଠାରୁ ୨୨୫ ମିଟର ଦୈର୍ଘ୍ୟ ଦ୍ୱାରା ଚାଲୁ ରଖିଥିଲା। ବାତ୍ୟା ଫାଇଲିନ ଦ୍ୱାରା ଏହି ବନ୍ଦରର ବହୁତ କ୍ଷୟକ୍ଷତି ହୋଇଥିଲା ଓ ଏହାର ପୁନଃରୁଦ୍ଧାର କାର୍ଯ୍ୟ ପରେ ବନ୍ଦର ଟି ତା-୩୧-୧୦-୨୦୧୫ ରିଖ ଠାରୁ ପୁନଃ କାର୍ଯ୍ୟକ୍ଷମ ହେଲା। ଏହି ବନ୍ଦରର ୦୩ (ତିନି) ଗୋଟି ବର୍ଥ ନିର୍ମାଣ ସମ୍ପୂର୍ଣ୍ଣ ହୋଇଅଛି ଯାହାର ପଣ୍ୟ ପରିବହନ କ୍ଷମତା ୨୦ ମିଲିୟନ ମେଟ୍ରିକ ଟନ ଓ ଏହା ଏକ ସମୟରେ ଏକାଧିକ ଜାହାଜକୁ ସ୍ଥାନ ଯୋଗାଇଦେଇପାରିବ। ଏଥିସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ଜାରି ରହିଅଛି ଓ ଅଦ୍ୟାବଧି ପ୍ରାୟ ୨,୩୭୩.୫୬ କୋଟି ଟଙ୍କା ଖର୍ଚ୍ଚ ହୋଇଅଛି।

ବର୍ତ୍ତମାନ ଏହି ବନ୍ଦରର ବିକାଶ ତଥା ସଂପ୍ରସାରଣ ନିମିତ୍ତ ଆଦାନୀ ବନ୍ଦର ଓ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ଲିମିଟେଡ ଏହି ବନ୍ଦରର ୯୫ ପ୍ରତିଶତ ଅଂଶଧନ ଅଧିଗ୍ରହଣ କରିଅଛି ଓ ଏଠି ନିମନ୍ତେ ଏକ ସଦ୍ୟତମ ରିହାତି ଚୁକ୍ତିନାମା ରାଜ୍ୟ ସରକାର ଓ ବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଅଛି। ଏହି ବନ୍ଦରର ସଂପ୍ରସାରଣ ଓ ଉନ୍ନତିକରଣ ନିମନ୍ତେ Gopalpur Ports Limitedଙ୍କ ଦ୍ୱାରା ପ୍ରାୟ ୧୬,୫୫୪ କୋଟି ଟଙ୍କା ନିବେଶର ଲକ୍ଷ୍ୟ ରଖାଯାଇଅଛି ଯଦ୍ୱାରା ଏହାର ପଣ୍ୟ ପରିବହନ କ୍ଷମତା ୫୦ ମିଲିୟନ ମେଟ୍ରିକ ଟନ ବୃଦ୍ଧି ହେବ । ଏହି ସଂପ୍ରସାରଣ ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରାୟ ୫,୦୦୦ ଲୋକଙ୍କ ନିମିତ୍ତ ନିଯୁକ୍ତି ସୃଷ୍ଟି ହେବ ଏବଂ ଏହାଦ୍ୱାରା ବନ୍ଦରର ପରିଚାଳନା କ୍ଷମତା, ରାଜସ୍ୱ ଉତ୍ପାଦନ ଏବଂ ସାମଗ୍ରିକ ଆର୍ଥିକ ଅଭିବୃଦ୍ଧିକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ।

ଗୋପାଳପୁର  ବନ୍ଦର ଦ୍ୱାରା ଆମଦାନୀ ଓ ରପ୍ତାନୀ ହୋଇଥିବା ପଣ୍ୟ ପରିବହନର ତଥ୍ୟ  ସହ ରାଜ୍ୟ ସରକାର ପାଇଥିବା ରାଜସ୍ୱ ଅଂଶର ବିବରଣୀ ନିମ୍ନରେ ପ୍ରଦାନ କରାଗଲା

| ଆର୍ଥିକ ବର୍ଷ | ପଣ୍ୟ ପରିବହନ (ମିଲିୟନ ମେଟ୍ରିକ ଟନ ରେ ) | | | | ରାଜ୍ୟ ସରକାରଙ୍କ ରାଜସ୍ୱ ଅଂଶ |
|---|---|---|---|---|---|
| | ଆମଦାନୀ | ରପ୍ତାନୀ | ଉପକୂଳ | ମୋଟ | |
| (୨) | (୩) | (୪) | (୫) | (୬) | |
| ୨୦୨୫-୨୬ (ଡିସେମ୍ବର, ୨୦୨୫ ସୁଦ୍ଧା | ୧.୯୯ | ୧.୦୨ | ୦.୪୬ | ୩.୪୭ | ୧୩,୬୮,୯୦,୮୯୪ଟଙ୍କା |

ଗୋପାଳପୁର ବନ୍ଦରର ପ୍ରକଳ୍ପର କାର୍ଯ୍ୟ ଏବଂ ପରିଚାଳନା ନିମନ୍ତେ ହୋଇଥିବା ନିଯୁକ୍ତି ସମ୍ପର୍କିତ ବିବରଣୀ

| କ୍ରମିକ ସଂଖ୍ୟା | ବର୍ଗ | ଗଞ୍ଜାମ ଜିଲ୍ଲାରୁ | ଗଞ୍ଜାମ ଜିଲ୍ଲା ବ୍ଯତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରୁ | ସମଗ୍ର ରାଜ୍ୟରୁ | ରାଜ୍ୟ ବାହାରୁ | ସର୍ବମୋଟ |
|---|---|---|---|---|---|---|
| (୧ ) | (୨) | (୩) | (୪) | (୫) | (୬) | (୭) |
| ୦୧. | କାର୍ଯ୍ୟରତ କର୍ମଚାରୀ | ୨୮୦ | ୭୨ | ୩୫୨ | ୧୮ | ୩୭୦ |
| ୦୨. | ତାଲିକାଭୁକ୍ତ ଶ୍ରମିକ | ୧,୮୧୪ | ୦ | ୧,୮୧୪ | - | ୧,୮୧୪ |
| ୦୩. | ଠିକା ଶ୍ରମିକ | ୩୪୯ | ୩୬୩ | ୭୧୨ | ୭୮ | ୭୯୦ |
| | ମୋଟ | ୨,୪୪୩ | ୪୩୫ | ୨,୮୭୮ | ୯୬ | ୨,୯୭୪ |

## ୨.୩. ବିକାଶଧିନ ବନ୍ଦର

### ୨.୩.୧ ସୁବର୍ଣ୍ଣରେଖା ବନ୍ଦର

ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ମୁହାଣ ଚୌମୁଖ (CHAUMUKH) ଠାରେ ବନ୍ଦର ପ୍ରତିଷ୍ଠା ପାଇଁ କ୍ରିଏଟିଭ ପୋର୍ଟ ଡେଭେଲପମେଣ୍ଟ ଲିଃ (ବର୍ତ୍ତମାନ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ) ଙ୍କ ସହିତ ତା୧୧-୦୧-୨୦୦୮ରିଖ ରେ ରିହାତି ଚୁକ୍ତିନାମା ସ୍ୱାକ୍ଷର  କରିଅଛନ୍ତି । ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡର ପ୍ରମୁଖ ଅଂଶଧନ ଟାଟା ଷ୍ଟିଲ ଅଧିଗ୍ରହଣ କରିସାରିଅଛି । ଏହି ବନ୍ଦରର କ୍ଷମତା ବାର୍ଷିକ ୨୫ ମିଲିୟନ ମେଟ୍ରିକ ଟନରୁ ୫୫ ମିଲିୟନ ମେଟ୍ରିକ ଟନ ହେବାର ଆକଳନ  କରାଯାଇଅଛି । ବର୍ତ୍ତମାନ ଏହି ବନ୍ଦରର ପ୍ରାରମ୍ଭିକ  ନିର୍ମାଣ କାର୍ଯ୍ୟ ଜାରି ରହିଅଛି ଓ ଅଦ୍ୟାବଧି ପ୍ରାୟ ୩୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଅଛି।

### ୨.୩.୨. ଅସ୍ତରଙ୍ଗ ବନ୍ଦର

ପୁରୀ ଜିଲ୍ଲାର ଅସ୍ତରଙ୍ଗଠାରେ ସରକାରୀ-ଘରୋଇ-ସହଭାଗୀତା ଓ BOOST ଆଧାରରେ ଏକ ଅଣବୃହତ ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡଙ୍କ ସହିତ ତା୨୨-୧୧-୨୦୧୦ରିଖରେ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏହି ବନ୍ଦରର ପରିବେଶଗତ ମଞ୍ଜୁରୀ ନିମନ୍ତେ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତ ସରକାର ଠାରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଅଛି । ଏହି ବନ୍ଦର ପଣ୍ୟ ପରିବହନ କ୍ଷମତା ବାର୍ଷିକ ୧୭.୭ ରୁ ୭୧.୩ ମିଲିୟନ୍ ମେଟ୍ରିକ ଟନ୍ ହେବାର ଆକଳନ କରାଯାଇଅଛି । ବର୍ତ୍ତମାନ ଏହି ବନ୍ଦରର ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଅଛି ଓ ଅଦ୍ୟାବଧି ପ୍ରାୟ ୪୬କୋଟି ଟଙ୍କା ଖର୍ଚ୍ଚ ହୋଇଅଛି।

### ୨.୩.୩. ବାହୁଦା ମୁହାଁଣ ବନ୍ଦର

ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣ ଠାରେ ଏକ ବନ୍ଦର ପ୍ରତିଷ୍ଠା ନିମିତ୍ତ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (PPA), ଓଡ଼ିଶା ମାରିଟାଇମ୍ ବୋର୍ଡ (OMB) ଏବଂ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଅଧିନସ୍ଥ ସାଗରମାଳା ଫାଇନାନ୍ସ କର୍ପୋରେସନ୍ ଲିମିଟେଡ୍ (SMFCL) ମଧ୍ୟରେ ଏକ ତ୍ରିପକ୍ଷୀୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଅଛି। ଏହି ବନ୍ଦରର ପଣ୍ୟ ପରିବହନ କ୍ଷମତା ବାର୍ଷିକ ୧୫୦ ମିଲିୟନ୍ ମେଟ୍ରିକ ଟନ୍ ହେବାର ଆକଳନ କରାଯାଇଅଛି ଓ ଏଥିନିମନ୍ତେ ୨୧,୫୦୦ କୋଟି ଟଙ୍କା ନିବେଶ କରାଯିବ ।

### ୨.୩.୪. ନଦୀଭିତ୍ତିକ ବନ୍ଦର

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକର ମହାନଦୀର ବାମ ପାର୍ଶ୍ୱରେ ଥିବା ଆଖଡାଶାଳି ଗ୍ରାମ ନିକଟରେ ସରକାରୀ-ଘରୋଇ-ସହଭାଗୀତା ଓ BOOST ଆଧାରରେ ଏକ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ପାଇଁ ବିହିତ ପଦକ୍ଷେପ ନିଆ ଯାଉଅଛି।

ଏତଦବ୍ୟତୀତ, ନଦୀଭିତ୍ତିକ ବନ୍ଦର ସ୍ଥାନ ନିକଟରେ ଏକ ଜାତୀୟ ଜାହାଜ ନିର୍ମାଣ କ୍ଲଷ୍ଟର ବିକାଶ ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (PPA) ଏବଂ ଓଡ଼ିଶା ମାରିଟାଇମ୍ ବୋର୍ଡ (OMB) ମଧ୍ୟରେ ଏକ ଦ୍ୱିପକ୍ଷୀୟ ବୁଝାମଣାପତ୍ର (MoU) ସ୍ୱାକ୍ଷରିତ ହୋଇଛି ।

### ୨.୩.୫. ଜଟାଧାରୀ ମୁହାଣଠାରେ ଏକ ନିଜସ୍ୱ ଜେଟୀ

ଜଗତସିଂହପୁର ଜିଲ୍ଲାର ଜଟାଧାରୀ ମୁହାଣରେ ସମନ୍ୱିତ ଇସ୍ପାତ କାରଖାନା (Integrated Steel Plant) ନିର୍ମାଣ ନିମିତ୍ତ ଏକ ନିଜସ୍ୱ ଜେଟୀ (Captive Jetty) ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୨୬- ୦୬-୨୦୨୫ ରିଖ ରେ M/s JSW Utkal ହୋଇଅଛି । ଏହି ବନ୍ଦର ନିମିତ୍ତ ପ୍ରସ୍ତୁତ ହୋଇଥିବା ବୈଷୟିକ ଓ ଅର୍ଥନୈତିକ ସମ୍ଭାବ୍ୟତା ଅଧ୍ୟୟନ ରିପୋର୍ଟ

(Techno Economic Feasibility Study Report) ଅନୁଯାୟୀ, ଏହି ପ୍ରକଳ୍ପ ନିମନ୍ତେ ୨,୧୦୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଅଛି ଓ ଏହାଦ୍ବାରା ପ୍ରତ୍ୟକ୍ଷ ଓ ପରୋକ୍ଷ୍ୟ ଭାବେ ୩,୪୫୦ ଜଣ ଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟୀ ହେବ ।

### ୨.୩.୬. କ୍ରୁଜ୍ ଟର୍ମିନାଲ୍‌ର ବିକାଶ

ପୁରୀଠାରେ ଏକ ଅତ୍ୟାଧୁନିକ ଆନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍ ନିର୍ମାଣ କରିବା ପାଇଁ ପାରାଦୀପ ପୋର୍ଟ ଅଥରିଟି (PPA) ଏବଂ ଓଡ଼ିଶା ମାରିଟାଇମ୍ ବୋର୍ଡ (OMB) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ପୁରୀକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ କ୍ରୁଜ୍ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ହେବ।

ସେହିପରି ଓଡ଼ିଶାରେ ଏକ ସ୍ୱତନ୍ତ୍ର କ୍ରୁଜ୍ ଟର୍ମିନାଲ୍ )Dedicated Cruise Terminal) ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଇଣ୍ଡିଆନ୍ ପୋର୍ଟସ୍ ଆସୋସିଏସନ୍ )IPA) ମଧ୍ୟରେ ଅନ୍ୟ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ଦ୍ୱାରା ରାଜ୍ୟରେ ସାମୁଦ୍ରିକ ପର୍ଯ୍ୟଟନ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯିବ।

### ୨.୩.୭. ଜାହାଜ ନିର୍ମାଣ ଓ ମରାମତି କାରଖାନା

ଓଡ଼ିଶା ସରକାର ଜାହାଜ ନିର୍ମାଣ ଏବଂ ମରାମତି ଶିଳ୍ପକୁ ସାମୁଦ୍ରିକ ଶିଳ୍ପରେ ଏକ ଉଦୀୟମାନ କ୍ଷେତ୍ର ଭାବରେ ସ୍ୱୀକୃତି ପ୍ରଦାନ କରିଛନ୍ତି। ତେଣୁ ରାଜ୍ୟ ସରକାର, ଓଡ଼ିଶାକୁ ଭାରତର ପୂର୍ବ ଉପକୂଳ ତଥା ଏବଂ ଏସିଆର ଏକ ପ୍ରମୁଖ ଜାହାଜ ନିର୍ମାଣ କେନ୍ଦ୍ର ଭାବରେ ବିକଶିତ କରିବା ଲକ୍ଷ୍ୟରେ ଜାହାଜ ନିର୍ମାଣ ଏବଂ ମରାମତି କାରଖାନା ବିକାଶ କରିବାକୁ ବିଶେଷ ଭାବରେ ଆଗ୍ରହୀ ଅଛନ୍ତି ।

## ୨.୪. ରାଜ୍ୟର ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ସେବା

### ୨.୪.୧. ଯାତ୍ରୀ ପରିବହନ ସେବା

ସଡ଼କ କିମ୍ବା ରେଳ ପରିବହନ ସୁବିଧା ନଥିବା ସ୍ଥାନକୁ ବାଣିଜ୍ୟ ଓ ପରିବହନ ବିଭାଗ, ଓଡିଶା ସରକାରଙ୍କ ଅଧିନସ୍ଥ ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟଙ୍କ ଦ୍ୱାରା ଜଳପଥରେ ଯାତ୍ରୀ ପରିବହନ ସେବା ଯୋଗାଇ ଦିଆଯାଉଅଛି । ଏହି ଯାତ୍ରୀ ପରିବହନ ସେବା ୦୬ (ଛଅ) ଗୋଟି ଭିନ୍ନ ଭିନ୍ନ ଜଳ ମାର୍ଗରେ ୦୨ (ଦୁଇ) ଗୋଟି ସେକ୍ଟର ଯଥା : ଚାନ୍ଦବାଲି ଓ ବାଲୁଗାଁ ଦ୍ୱାରା ଯୋଗାଇ ଦିଆଯାଉଅଛି ।

ବିଗତ ଆର୍ଥିକ ବର୍ଷ ୨୦୨୫-୨୦୨୬ ରେ ଯାତ୍ରୀ ପରିବହନ ସଂପର୍କିତ ଏକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା

| ଆର୍ଥିକ ବର୍ଷ | ଯାତ୍ରୀଙ୍କ ସଂଖ୍ୟା | | |
|---|---|---|---|
| | ଚାନ୍ଦବାଲି | ବାଲୁଗାଁ | ମୋଟ |
| ୨୦୨୫-୨୦୨୬ (ଡିସେମ୍ବର,୨୦୨୫ ସୁଦ୍ଧା) | ୭୨,୫୦୮ | ୪୧,୯୯୬ | ୧,୧୪,୫୦୪ |

ଚିଲିକା ହ୍ରଦରେ ଶବ୍ଦ, ଧୂଆଁ ଓ କମ୍ପନ ମୁକ୍ତ ତଥା ଆରାମଦାୟକ ଯାତ୍ରା ପ୍ରଦାନ ନିମିତ୍ତ, ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ୨୦ ଜଣ ବସିବା କ୍ଷମତା ଥିବା ଏକ ସୌର-ବିଦ୍ୟୁତ ଚାଳିତ ନୌକା କ୍ରୟ କରାଯାଇଅଛି । ଏହି ନୌକା ଦ୍ୱାରା ଜାତୀୟ ଓ ଆନ୍ତର୍ଜାତୀୟ ପର୍ଯ୍ୟଟକମାନେ ଚିଲିକା ହ୍ରଦର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ନଳବଣ ସ୍ଥିତ ପକ୍ଷୀ ଅଭୟାରଣ୍ୟ ସହିତ କାଳିଜାଇ ମନ୍ଦିର ପରିଦର୍ଶନ କରିପାରିବେ ।

### ୨.୪.୨. ଯାତ୍ରୀବାହି ନୌକାର ପଞ୍ଜିକରଣ ଓ ନବୀକରଣ

ରାଜ୍ୟର ଅନ୍ତର୍ଦ୍ଦେଶୀୟ ଜଳପଥରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କର ନିରାପଦ ଯାତ୍ରା ପାଇଁ ରାଜ୍ୟ ସରକାର ୨୦୦୪ ମସିହାରେ ଓଡିଶା ନୌକା ନିୟମ (Odisha Boat Rules) ପ୍ରଣୟନ କରିଛନ୍ତି। ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟଙ୍କ ଅଧିନସ୍ଥ ପଞ୍ଜୀକରଣ ଅଧିକାରୀ ବୋଟ୍‌ଗୁଡିକର ପଞ୍ଜୀକରଣ ଓ ନବୀକରଣର ପ୍ରମାଣ ପତ୍ର ପ୍ରଦାନ କରୁଛନ୍ତି ।

ଏହି ରୁଲ ଅଧିନରେ ରାଜ୍ୟରେ ଚଳାଚଳ କରୁଥିବା ଡଙ୍ଗାଗୁଡିକର ସଠିକ ପଞ୍ଜିକରଣ ତାର ଫିଟନେସ ସାର୍ଟିଫିକେଟ୍ ପ୍ରଦାନ ନିମିତ୍ତ ବାଣିଜ୍ୟ ଓ ପରିବହନ ବିଭାଗ, ଓଡିଶା ସରକାର ଦ୍ୱାରା ଏକ ସହଜ ଓ ବ୍ୟବହାର ଯୋଗ୍ୟ ଅନଲାଇନ ଆପ୍ଲିକେସନ୍ "BOAT INFORMATION & MANAGEMENT SYSTEM (BIMS)" ର ବିକାଶ କରାଯାଇଅଛି । ବିଗତ ଆର୍ଥିକ ବର୍ଷ ୨୦୨୫-୨୦୨୬ (ଡିସେମ୍ବର,୨୦୨୫ ସୁଦ୍ଧା) ରେ ୩୫୦ ଗୋଟି ନୌକାର ପଞ୍ଜୀକରଣ ଓ ୭୧୭ ଗୋଟି ନୌକାର ନବୀକରଣ କରାଯାଇ ୧୦,୮୪,୪୦୦ ଟଙ୍କା ରାଜସ୍ୱ ବାବଦରେ ଆଦାୟ କରାଯାଇଅଛି ।

### ୨.୪.୩. ସହିଦ ବାଜିରାଉତ ନୌଯାତ୍ରା ସୁରକ୍ଷା ଯୋଜନା

ରାଜ୍ୟର ଅନ୍ତର୍ଦ୍ଦେଶୀୟ ଜଳପଥରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କର ନିରାପଦ ଯାତ୍ରା ନିମିତ୍ତ ରାଜ୍ୟ ସରକାରଙ୍କର ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ସହିଦ ବାଜିରାଉତ ନୌଯାତ୍ରା ସୁରକ୍ଷା ଯୋଜନା ପ୍ରଣୟନ କରାଯାଇଅଛି । ଏହି ଯୋଜନା ଦ୍ୱାରା ରାଜ୍ୟର ପ୍ରତ୍ୟେକ ବେସରକାରୀ ଯାତ୍ରୀବାହି ନୌକା ଗୁଡିକୁ ଜୀବନରକ୍ଷାକାରୀ ସଂରଞ୍ଜାମ ଯଥା- ଲାଇଫ୍‌ବଏ, ଲାଇଫ୍ ଜ୍ୟାକେଟ୍ ଓ ଅଗ୍ନି ନିର୍ବାପକ ଯନ୍ତ୍ର ୯୫% ରିହାତି ମୂଲ୍ୟ (subsidy) ରେ ଓ ସରକାରୀ ନୌକାଗୁଡିକୁ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଅଛି ।

ସହିଦ ବାଜିରାଉତ ନୌଯାତ୍ରା ସୁରକ୍ଷା ଯୋଜନା ଅଧୀନରେ କ୍ରୟ ଓ ବଣ୍ଟନ ହୋଇଥିବା ଜୀବନ ରକ୍ଷାକାରୀ ସରଞ୍ଜାମର ବିବରଣୀ ନିମ୍ନରେ ପ୍ରଦାନ କରାଗଲା:

| ଜୀବନ ରକ୍ଷାକାରୀ ସଂରଞ୍ଜାମର ନାମ | ମୋଟ କ୍ରୟ | ମୋଟ ବଣ୍ଟନ | ବଳକା ଅଛି |
|---|---|---|---|
| ଲାଇଫ୍ ବଏ | ୬,୧୯୯ | ୫,୪୭୩ | ୭୨୬ |
| ଲାଇଫ୍ ଜ୍ୟାକେଟ | ୩୪,୩୧୫ | ୩୧,୯୦୦ | ୨,୪୧୫ |
| ଅଗ୍ନି ନିର୍ବାପକ | ୨,୨୭୦ | ୨,୦୩୮ | ୨୩୨ |

### ୨.୪.୪. ଦକ୍ଷତା ପ୍ରମାଣପତ୍ର

ଯନ୍ତ୍ରଚାଳିତ ଜାହାଜ/ନୌକା ନିମିତ୍ତ  ଆବଶ୍ୟକ ଅନ୍ତର୍ଦ୍ଦେଶୀୟ ଯନ୍ତ୍ରୀ, ଇଞ୍ଜିନ ଡ୍ରାଇଭର ଓ ସେରଙ୍ଗଙ୍କ ଦକ୍ଷତା ପ୍ରମାଣପତ୍ର ପରୀକ୍ଷା ଅଧିକ୍ଷଣ ଯନ୍ତ୍ରୀ,  ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ, ଯାନ୍ତ୍ରିକ ଖଣ୍ଡ (Mechanical Division), କଟକଙ୍କ ଦ୍ୱାରା କରାଯାଉଅଛି ।  ବିଗତ ଆର୍ଥିକ ବର୍ଷ ୨୦୨୪-୨୦୨୫ ରେ ମୋଟ ୪୯୧ ଜଣ ପାର୍ଥୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ ତନ୍ମଧ୍ୟରୁ ୩୧୨ ଜଣ ପାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଚଳିତ ଆର୍ଥିକ ବର୍ଷ ପାଇଁ ପରୀକ୍ଷା ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଛି।

### ୨.୪.୫. ସାଗରମାଳା କାର୍ଯ୍ୟକ୍ରମ ଅଧୀନସ୍ଥ  ପ୍ରକଳ୍ପ


ବନ୍ଦରର ଆଧୁନିକରଣ,  ବନ୍ଦରର ସଂଯୋଗୀକରଣ, ବନ୍ଦର ଭିତ୍ତିକ ଶିଳ୍ପାୟନ ଓ ଉପକୂଳରେ ବାସ  କରୁଥିବା ଜନସାଧାରଣ-ଙ୍କର ବିକାଶ ହେଉଛି ସାଗରମାଳା କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ । ବାଣିଜ୍ୟ ଓ ପରିବହନ ବିଭାଗର ୨ (ଦୁଇ) ଗୋଟି  ପ୍ରକଳ୍ପକୁ ସାଗରମାଳା କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇଅଛି ଯାହାର ବିବରଣୀ ନିମ୍ନରେ ପ୍ରଦତ୍ତ ;

*୨.୪.୫.୧. ଓଡିଶା ରାଜ୍ୟ  ଅନ୍ତର୍ଗତ  ଭଦ୍ରକ ଜିଲ୍ଲାର କାନିନାଳୀ  ଓ  କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆକୁ ସଂଯୋଗ କରୁଥିବା ରୋ-ପ୍ଯାକ୍ସ ଜେଟି ଏବଂ ଏହାର  ଭିତ୍ତିଭୂମିର ବିକାଶ*

ପ୍ରକଳ୍ପ ମୂଲ୍ୟ : ୧୧୦.୬୦ କୋଟି ଟଙ୍କା (ସଂଶୋଧିତ ମୂଲ୍ୟ:  ୧୫୪.୨୩ କୋଟି ଟଙ୍କା )

ଭଦ୍ରକ ଜିଲ୍ଲା ଅନ୍ତର୍ଗତ କାନିନାଳୀ ଧାମରା ନଦୀର ବାମ ପାର୍ଶ୍ୱରେ ଓ କେନ୍ଦ୍ରପଡା ଜିଲ୍ଲାର ତାଳଚୁଆ  ଧାମରା  ନଦୀର  ଡାହାଣ ପାର୍ଶ୍ୱରେ ଅବସ୍ଥିତ । ମୋଟ ୧୧  (ଏଗାର) ଗୋଟି ଗ୍ରାମ ପଞ୍ଚାୟତ  ଅଧିନସ୍ଥ  ୧୪୬  ଗୋଟି  ଗ୍ରାମର   ପାଖାପାଖି  ୦୧ (ଏକ) ଲକ୍ଷରୁ ଉର୍ଦ୍ଧ  ଲୋକ  ଗମନାଗମନ ନିମିତ୍ତ ଏହି ଘାଟ ଦ୍ୱୟ ଉପରେ ନିର୍ଭରଶୀଳ ଅଟନ୍ତି । ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସମେତ ପ୍ରାୟ ୧୦୦୦   ଯାତ୍ରୀ   ପ୍ରତ୍ୟେକ ଦିନ ବିଭିନ୍ନ ସରକାରୀ ଓ ଘରୋଇ ନୌକାଦ୍ୱାରା ସଡକ ପଥରେ ଆସୁଥିବା ୨୦୦ କିଲୋମିଟର ଦୂରତାକୁ ଜଳପଥଦ୍ୱାରା ୭ କିଲୋମିଟର ରେ ପହଞ୍ଚି   ପାରିଥାନ୍ତି । ଏହି ପ୍ରକଳ୍ପ ଦ୍ୱାରା ଯାତ୍ରୀଙ୍କ ଯାତ୍ରା ସମୟ ହ୍ରାସ ହେବା  ସହିତ ପ୍ରସ୍ତାବିତ ସ୍ଥାନରେ ବାଣିଜିକ କାରବାର/ବ୍ୟବସାୟିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ ଓ ବର୍ତ୍ତମାନର ଦେଶୀ ନୌକା ଦ୍ୱାରା ଅସୁରକ୍ଷିତ   ନୌପରିବହନରେ ହେଉଥିବା ଅନାବଶ୍ୟକ ଜୀବନହାନୀ ଓ ଧନ ସମ୍ପତି ନଷ୍ଟକୁ  ମଧ୍ୟ ରୋକାଯାଇପାରିବ  ।  ଏହି  ପ୍ରକଳ୍ପଟି  ସାଗରମାଳା  କାର୍ଯ୍ୟକ୍ରମର  ଉପକୂଳରେ  ବାସ  କରୁଥିବା  ଜନସାଧାରଣଙ୍କର  ବିକାଶ ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ ।

ବର୍ତ୍ତମାନର ସ୍ଥିତି: ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ତଦାରଖ ନିମିତ୍ତ IIT, Madras କୁ ପ୍ରକଳ୍ପ ପରିଚାଳନା ସେବା ପ୍ରଦାନ ନିମନ୍ତେ  ନିଯୁକ୍ତି ପ୍ରଦାନ କରାଯାଇଅଛି।  ଏହି ପ୍ରକଳ୍ପର କାର୍ଯ୍ୟ ୧୧.୦୩.୨୦୨୪ ରିଖରୁ ଆରମ୍ଭ ହୋଇଛି ଏବଂ ନିର୍ମାଣ




କାର୍ଯ୍ୟ (Civil Works) ଶେଷ କରିବା ପାଇଁ ସଂଶୋଧିତ ଆନୁମାନିକ ତାରିଖ ୩୧.୦୩.୨୦୨୬ ଧାର୍ଯ୍ୟ କରାଯାଇଛି।

*୨.୪.୫.୨. ଓଡିଶା ରାଜ୍ୟ  ଅନ୍ତର୍ଗତ  ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ  ଓ  ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ଗଡକୁ ସଂଯୋଗ କରୁଥିବା ରୋ-ପ୍ୟାକ୍ସ ଜେଟି ଏବଂ ଏହାର  ଭିତ୍ତିଭୂମିର ବିକାଶ*

ପ୍ରକଳ୍ପ ମୂଲ୍ୟ : ୫୪.୦୫ କୋଟି ଟଙ୍କା (ସଂଶୋଧିତ ମୂଲ୍ୟ:  ୮୦.୧୯ କୋଟି ଟଙ୍କା )

ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଚିଲିକା ହ୍ରଦର ପଶ୍ଚିମ ପାର୍ଶ୍ୱରେ  ଓ  ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ଗଡ ଚିଲିକା ହ୍ରଦର ପୂର୍ବ  ପାର୍ଶ୍ୱରେ ଅବସ୍ଥିତ । ମୋଟ ୩୧  (ଏକତିରିଶ) ଗୋଟି ଗ୍ରାମ ପଞ୍ଚାୟତ ଓ ୦୧  (ଏକ) ବିଜ୍ଞାପିତ ଅଞ୍ଚଳ ପରିଷଦ (NAC) ଅଧିନସ୍ଥ ୨୧୯ ଗୋଟି ଗ୍ରାମର  ପାଖାପାଖି ୦୨ (ଦୁଇ) ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଗମନାଗମନ ନିମିତ୍ତ ଏହି ଘାଟ ଦ୍ୱୟ ଉପରେ ନିର୍ଭରଶୀଳ

ଅଟନ୍ତି । ପ୍ରତ୍ୟକ ଦିନ ବିଭିନ୍ନ ସରକାରୀ ଓ ଘରୋଇ ନୌକାଦ୍ୱାରା ସଡକ ପଥରେ ଆସୁଥିବା ୭୫ କିଲୋମିଟର ଦୂରତାକୁ ଜଳପଥଦ୍ୱାରା ୧୦ କିଲୋମିଟର ରେ ପହଞ୍ଚି ପାରିଥାନ୍ତି । ଏହି ପ୍ରକଳ୍ପ ଦ୍ୱାରା ଯାତ୍ରୀଙ୍କ ଯାତ୍ରା ସମୟ ହ୍ରାସ ହେବା ସହିତ ପ୍ରସ୍ତାବିତ ସ୍ଥାନରେ ବାଣିଜ୍ୟିକ କାରବାର/ବ୍ୟବସାୟିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ ଓ ବର୍ତ୍ତମାନର ଦେଶୀ ନୌକା ଦ୍ୱାରା ଅସୁରକ୍ଷିତ ନୌପରିବହନରେ ହେଉଥିବା ଅନାବଶ୍ୟକ ଜୀବନହାନୀ ଓ ଧନ ସମ୍ପତି ନଷ୍ଟକୁ ମଧ୍ୟ ରୋକାଯାଇପାରିବ। ଏହି ପ୍ରକଳ୍ପଟି ସାଗରମାଳା କାର୍ଯ୍ୟକ୍ରମର ଉପକୂଳରେ ବାସ କରୁଥିବା ଜନସାଧାରଣଙ୍କର ବିକାଶ ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ ।

ବର୍ତ୍ତମାନର ସ୍ଥିତି: ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ତଦାରଖ ନିମିତ୍ତ WAPCOS କୁ ପ୍ରକଳ୍ପ ପରିଚାଳନା ସେବା ପ୍ରଦାନ ନିମନ୍ତେ




ନିଯୁକ୍ତି ପ୍ରଦାନ ଏହି ପ୍ରକଳ୍ପର କାର୍ଯ୍ୟ ୧୧.୦୩.୨୦୨୪ ରିଖରୁ ଆରମ୍ଭ ହୋଇଛି ଏବଂ ନିର୍ମାଣ କାର୍ଯ୍ୟ (Civil Works) ଶେଷ କରିବା ପାଇଁ ସଂଶୋଧିତ ଆନୁମାନିକ ତାରିଖ ୩୧.୦୩.୨୦୨୬ ଧାର୍ଯ୍ୟ କରାଯାଇଛି।

### ୨.୪.୬. ରାଜ୍ୟରେ ଥିବା ଜାତୀୟ ଜଳପଥର ସ୍ଥିତି

ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନର ବିକାଶ ନିମିତ୍ତ, ଭାରତ ସରକାର ୨୦୧୬ ମସିହାରେ ଜାତୀୟ ଜଳମାର୍ଗ ନୀତି-୨୦୧୬ ପ୍ରଣୟନ କରିଛନ୍ତି, ଯେଉଁଥିରେ ଦେଶର ୧୧୧ ଟି ଜଳମାର୍ଗ କୁ ଜାତୀୟ ଜଳପଥ (NW) ଭାବରେ ଘୋଷଣା କରାଯାଇଛି। ସେଥିମଧ୍ୟରୁ ୬ ଟି ଜଳପଥ ଯଥା, ଜାତୀୟ ଜଳପଥ-୫, ଜାତୀୟ ଜଳପଥ-୧୪, ଜାତୀୟ ଜଳପଥ-୨୨, ଜାତୀୟ ଜଳପଥ-୨୩, ଜାତୀୟ ଜଳପଥ-୬୪ ଏବଂ ଜାତୀୟ ଜଳପଥ-୯୬ ଓଡ଼ିଶା ରାଜ୍ୟରେ ଅବସ୍ଥିତ।

ରାଜ୍ୟରେ ଥିବା ଜାତୀୟ ଜଳପଥର ବର୍ତ୍ତମାନର ସ୍ଥିତି ସମ୍ପର୍କିତ ତଥ୍ୟ ନିମ୍ନରେ ପ୍ରଦାନ କରାଗଲା ;

- ଜାତୀୟ ଜଳପଥ-୫- ଏହି ଜଳପଥରେ ଆସୁଥିବା ତାଳଚେରର କୋଇଲା ଅଞ୍ଚଳ ଠାରୁ ପଙ୍କପାଳର ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ଜଳମାର୍ଗକୁ ବିକାଶ କରି ବାର୍ଷିକ ହାରାହାରି ୩୦ ମିଲିୟନ ମେଟ୍ରିକ ଟନ କୋଇଲା ପରିବହନ ନିମନ୍ତେ ପ୍ରସ୍ତାବ ରଖାଯାଇଅଛି ।
- ବୈତରଣୀ ନଦୀ (ଜାତୀୟ ଜଳପଥ-୧୪)- ଏକ ନଦୀଭିତ୍ତିକ ପର୍ଯ୍ୟଟନ ଦ୍ୱାରା ଭିତରକନିକା ଅଭୟାରଣ୍ୟ ପରିଭ୍ରମଣ ନିମିତ୍ତ ଏକ ଜେଟି ନିର୍ମାଣ ନିମିତ୍ତ ପ୍ରସ୍ତାବ ଅଛି ।

- ବିରୂପା, ବଡି, ଗେଙ୍ଗୁଟି ଓ ବ୍ରାହ୍ମଣୀ  ନଦୀ (ଜାତୀୟ ଜଳପଥ-୨୨)- ଏକ ନଦୀଭିତ୍ତିକ ପର୍ଯ୍ୟଟନ ଦ୍ୱାରା ଯାଜପୁର ଜିଲ୍ଲାର ହୀରକ ତ୍ରିଭୁଜ ଯଥା; ରତ୍ନଗିରି, ଲଳିତାଗିରି ଓ ଉଦୟଗିରି କୁ ସଂଯୋଗୀକରଣ ନିମିତ୍ତ ନିମିତ୍ତ ପ୍ରସ୍ତାବ ଅଛି ।
- ବୁଢାବାଳଙ୍ଗ ନଦୀ (ଜାତୀୟ ଜଳପଥ-୨୩)- ଏକ ନଦୀଭିତ୍ତିକ ପର୍ଯ୍ୟଟନ ଦ୍ୱାରା ବାଲେଶ୍ୱର ଜିଲ୍ଲାର ଲୁକ୍କାୟିତ ଚାନ୍ଦିପୁର ସାଗର ବେଳାଭୂମି ଠାରୁ ବାଲେଶ୍ୱର ଜିଲ୍ଲାକୁ ଦୁଇଗୋଟି ଭାସମାନ ଜେଟି ଦ୍ୱାରା ସଂଯୋଗୀକରଣ ନିମିତ୍ତ ନିମିତ୍ତ ପ୍ରସ୍ତାବ ରଖାଯାଇଅଛି ।
- ମହାନଦୀ (ଜାତୀୟ ଜଳପଥ-୬୪)- ଏହି ଜଳମାର୍ଗରେ ୨୦୦୦ DWT କ୍ଷମତା ସମ୍ପନ୍ନ ଜାହାଜ ଦ୍ୱାରା ପଣ୍ୟ ପରିବହନ ସହିତ କେନ୍ଦ୍ରପଡା ଜିଲ୍ଲାର ବାହାକୁଦ ଘାଟ ଓ ଜଗତସିଂପୁର ଜିଲ୍ଲାର ମୁସାଡିହ ଘାଟଠାରେ ଜେଟି ନିର୍ମାଣ କରି ଯାତ୍ରୀ ପରିବହନ ସେବା ଯୋଗାଇଦେବା  ନିମିତ୍ତ ପ୍ରସ୍ତାବ ରଖାଯାଇଅଛି।
- ସୁବର୍ଣ୍ଣରେଖା  ନଦୀ (ଜାତୀୟ ଜଳପଥ-୯୬ ) ଏକ ନଦୀଭିତ୍ତିକ ପର୍ଯ୍ୟଟନ ଦ୍ୱାରା ବାଲେଶ୍ୱର ଜିଲ୍ଲାର ପନ୍ତେଇ ଘାଟ ଠାରୁ ବିଚିତ୍ରପୁର ଓ ଭୂଷଣ୍ଡେଶ୍ୱର ମହାଦେବ ମନ୍ଦିର (ଏସିଆର ସର୍ବବୃହତ ଶିବଲିଙ୍ଗ) ଓ ତତ ସଂଲଗ୍ନ ପଶ୍ଚିମବଙ୍ଗର ଦିଘା ସାଗର ବେଳାଭୂମିକୁ  ତିନି ଗୋଟି ଭାସମାନ ଜେଟି ଦ୍ୱାରା ସଂଯୋଗୀକରଣ ନିମିତ୍ତ ନିମିତ୍ତ ପ୍ରସ୍ତାବ ରଖାଯାଇଅଛି ।ସମସ୍ତ ଜଳମାର୍ଗର ଉନ୍ନତିକରଣ କାର୍ଯ୍ୟ ଭାରତୀୟ ଜଳମାର୍ଗ ପ୍ରାଧିକରଣ କର୍ତ୍ତୃପକ୍ଷ, ଭାରତ ସରକାରଙ୍କ ଦ୍ୱାରା  କରାଯାଉଅଛି ।

*୨.୪.୬.୧. ରାଜ୍ୟରେ ଜାତୀୟ ଜଳପଥର ବିକାଶ ନିମିତ୍ତ ସ୍ୱତନ୍ତ୍ର ଉଦ୍ଦେଶ୍ୟ କମ୍ପାନୀ  (Special Purpose Vehicle)*

ରାଜ୍ୟରେ ଜାତୀୟ ଜଳପଥରେ ବିକାଶ ନିମିତ୍ତ ବିଦ୍ୟମାନ ଥିବା Inland Waterway Consortium of Odisha Limited (IWCOL)ର ପୁନଃ ପ୍ରସ୍ତାବିତ କରାଯାଇଅଛି । ଜାତୀୟ ଜଳପଥ-୫ ଓ ୬୪ ର କାର୍ଯ୍ୟକାରିତା ନିମନ୍ତେ ଭାରତୀୟ ଜଳମାର୍ଗ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହାର ବୈଷୟିକ ଓ ଅର୍ଥନୈତିକ ଅଧ୍ୟୟନ କରାଯାଉଅଛି ।

*୨.୪.୬.୨. ଜାତୀୟ ଜଳପଥ-୫ (NW-5) ର କାର୍ଯ୍ୟକାରିତା*

ଓଡ଼ିଶାରେ ସମନ୍ୱିତ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ଏବଂ ମଲ୍ଟିମୋଡାଲ କନେକ୍ଟିଭିଟି ମାଧ୍ୟମରେ ଭାରୀ ପଣ୍ୟ ଦ୍ରବ୍ୟ (Bulk Cargo) ର ଦକ୍ଷ, ସ୍ୱଳ୍ପ ଖର୍ଚ୍ଚ ଏବଂ ସ୍ଥାୟୀ ପରିବହନ ପାଇଁ ଜାତୀୟ ଜଳପଥ-୫ (NW-5) ର କାର୍ଯ୍ୟକାରିତା ନିମନ୍ତେ ଏକ ବୁଝାମଣା ପତ୍ର (MoU) ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ (IWAI), ପାରାଦୀପ ପୋର୍ଟ ଅଥରିଟି (PPA), ଓଡ଼ିଶା ମାରିଟାଇମ୍ ବୋର୍ଡ (OMB) ଏବଂ କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସମ୍ପାଦିତ ହୋଇଛି। ଏହି ପ୍ରକଳ୍ପ ପାଇଁ ୧୨,୨୦୦ କୋଟି ଟଙ୍କା ବିନିଯୋଗ କରାଯିବାର ବ୍ୟବସ୍ଥା ରହିଛି।

## ୨.୫. ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଚାନ୍ଦବାଲି

ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଚାନ୍ଦବାଲି ଭୌଗଳିକ ଦୃଷ୍ଟିକୋଣରୁ ନାବିକ ପ୍ରଶିକ୍ଷଣ ତାଲିମ ନିମିତ୍ତ ଏକ ଉପଯୁକ୍ତ ଅନୁଷ୍ଠାନ ଅଟେ । ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଚାନ୍ଦବାଲି ହେଉଛି ଏକମାତ୍ର ସରକାରୀ ପ୍ରତିଷ୍ଠାନ ଯାହା ବାଣିଜ୍ୟ ଓ ପରିବହନ ବିଭାଗ, ଓଡିଶା ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ପରିଚାଳିତ ହେଉଅଛି । ଏହି ପ୍ରତିଷ୍ଠାନ ଦ୍ୱାରା ରାଜ୍ୟର ବେକାର ଯୁବଗୋଷ୍ଠୀ କୁ ଅନ୍ତର୍ଦ୍ଦେଶୀୟ ଜଳପଥରେ ଚଳାଚଳ କରୁଥିବା ନୌକା ଓ ଲଞ୍ଚର ପରିଚାଳନା ଓ ରକ୍ଷଣାବେକ୍ଷଣ ବିଷୟରେ ତାଲିମ ପ୍ରଦାନ କରିଥାଏ । ବର୍ତ୍ତମାନ ଏହି ପ୍ରତିଷ୍ଠାନ ଦ୍ୱାରା ନିମ୍ନୋକ୍ତ ୦୨ (ଦୁଇ) ପ୍ରକାରର ତାଲିମ ପ୍ରଦାନ କରାଯାଉଅଛି ।

୦୧. ୧୦ (ଦଶ) ମାସର ନିୟମିତ ପାଠ୍ୟକ୍ରମ (ଡେକ୍ ଏବଂ ଇଞ୍ଜିନ୍ ରେଟିଂ) : ବାର୍ଷିକ ୩୦ ଜଣ

୦୨. ୦୩ (ତିନି) ମାସର ରିଫ୍ରେଶର ପାଠ୍ୟକ୍ରମ (ଡେକ୍ ଏବଂ ଇଞ୍ଜିନ୍ ରେଟିଂ) : ୧୦ ଜଣ ପ୍ରତି ତ୍ରୟମାସିକ




(ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଚାନ୍ଦବାଲିର ପ୍ରଶାସନିକ ଗୃହ)

ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଚାନ୍ଦବାଲିରୁ ପାଠ୍ୟକ୍ରମ ସମାପ୍ତ କରୁଥିବା ପ୍ରଶିକ୍ଷାର୍ଥୀମାନେ ବିଭିନ୍ନ ଜାହାଜ, ମାଛ ଧରିବା ନୌକା, ଯାତ୍ରୀବାହୀ ନୌକା ଓ ସାମୁଦ୍ରିକ ଜାହାଜ ଆଦିରେ ଚାଳକ, ଲଞ୍ଚ ଡ୍ରାଇଭର ଓ ଖଲାସି ଆଦିରେ ନିଯୁକ୍ତି ପାଇ ପାରୁଛନ୍ତି ।

| ଆର୍ଥିକ ବର୍ଷ | ୧୦ (ଦଶ) ମାସର ନିୟମିତ ପାଠ୍ୟକ୍ରମ | | ୦୩ (ତିନି) ମାସର ରିଫ୍ରେଶର ପାଠ୍ୟକ୍ରମ | |
|---|---|---|---|---|
| | ପ୍ରବେଶ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା | କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା | ପ୍ରବେଶ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା | କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା |
| ୨୦୨୫-୨୦୨୬ | ୩୦ | ଏହି ପରୀକ୍ଷାଟି ତା୨୧-୦୧- | ୨୦ | ଏହି ପରୀକ୍ଷାଟି ମାର୍ଚ୍ଚ ୨୦୨୬ରେ ହେବା |

| | | | | |
|---|---|---|---|---|
| | | ୨୦୨୬ରିଖରୁ ପରିଚାଳିତ ହେବ | | ନିମନ୍ତେ ସ୍ଥିରୀକୃତ ହୋଇଅଛି |

ନୌଚାଳନା କ୍ଷେତ୍ରରେ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ଏବଂ ଉତ୍ତମ ତାଲିମ ପ୍ରଦାନ ନିମିତ୍ତ ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଚାନ୍ଦବାଲିରେ ୦୨ (ଦୁଇ) ଗୋଟି ଅନ୍ତର୍ଦ୍ଦେଶୀୟ ଜାହାଜ/ନୌକା ଚଳାଚଳ ସିମୁଲେଟର ଯଥା- ଏକ Officer of the Watch and Steering Simulator (OOW) and ଅନ୍ୟଏକ Inland Waterways Navigation Simulator (IWN) ସ୍ଥାପନା କରାଯାଇଛି।

ଏହି ପ୍ରଶିକ୍ଷଣ କେନ୍ଦ୍ରରେ Director General of Shipping ଅନୁମୋଦିତ GP Rating Course ପ୍ରବର୍ତ୍ତନ ନିମିତ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯାଉଅଛି ।

୨.୫.୧. ସାମୁଦ୍ରିକ ଶିକ୍ଷା ଏବଂ ବୈଜ୍ଞାନିକ ଗବେଷଣାର ପ୍ରସାର

ସାମୁଦ୍ରିକ ଶିକ୍ଷା (Maritime Education) ଏବଂ ବୈଜ୍ଞାନିକ ଗବେଷଣାର ପ୍ରସାର ପାଇଁ ଓଡ଼ିଶାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଇଣ୍ଡିଆନ୍ ମାରିଟାଇମ୍ ୟୁନିଭରସିଟି (IMU) ମଧ୍ୟରେ ଏକ ବୁଝାମଣା ପତ୍ର (MoU) ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ମୁଖ୍ୟତଃ ପାଠ୍ୟକ୍ରମର ବିକାଶ, ମିଳିତ ଗବେଷଣା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ବିନିମୟ ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରେ। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ମାନବ ସମ୍ବଳକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ସାମୁଦ୍ରିକ କ୍ଷେତ୍ରର ସ୍ଥାୟୀ ଅଭିବୃଦ୍ଧିରେ ସହାୟକ ହେବା।

ମୁଦ୍ରଣ, ଲିଖନସାମଗ୍ରୀ ଓ

ପ୍ରକାଶନ ନିର୍ଦ୍ଦେଶାଳୟ

୩

# ୩. ମୁଦ୍ରଣ, ଲିଖନସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ

ମୁଦ୍ରଣ, ଲିଖନସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ, ଓଡ଼ିଶା ବହୁଳ ଭାବରେ ଓଡ଼ିଶା ସରକାରୀ ମୁଦ୍ରଣାଳୟ ନାମରେ ପରିଚିତ । ୧୯୩୬ ମସିହାରେ ପ୍ରତିଷ୍ଠିତ ହୋଇଥିବା ଉକ୍ତ ସଂସ୍ଥାଟି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସେବା ପ୍ରଦାନକାରୀ ନିର୍ଦ୍ଦେଶାଳୟ ଅଟେ । ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଏବଂ ଦପ୍ତର ମାନଙ୍କର ସମସ୍ତ ମୁଦ୍ରଣ ଆବଶ୍ୟକତା ପୂରଣ କରିବା ଏହାର ମୁଖ୍ୟ ଲକ୍ଷ୍ୟ । ପ୍ରଥମକରି ୧୯୩୬ ମସିହା ଅପ୍ରେଲ ମାସରେ ବିହାର ପାଟନା ଠାରୁ କିଛି ପୁରାତନ ମୁଦ୍ରଣ ଯନ୍ତ୍ରପାତି ଆଣି କଟକର ଚୌଧୁରୀ ବଜାର ଠାରେ ଓଡ଼ିଶା ସରକାରୀ ମୁଦ୍ରଣାଳୟ ପ୍ରତିଷ୍ଠା ହେଲା ଏବଂ ଏଠାରେ ଓଡ଼ିଶା ସରକାରଙ୍କ ସମସ୍ତ ମୁଦ୍ରଣ କାର୍ଯ୍ୟ ସମ୍ପାଦିତ ହେଉଥିଲା । ୧୯୪୭ ରେ ଭାରତ ସ୍ୱାଧୀନ ହେବାପରେ ବିଭିନ୍ନ ଗଡ଼ଜାତ ରାଜ୍ୟର ରାଜାମାନଙ୍କ ଅଧୀନରେ ଥିବା ଛୋଟ ଛୋଟ ପୁରାତନ ଛାପାଖାନା  ଗୁଡ଼ିକୁ ସରକାରୀ ମୁଦ୍ରଣାଳୟରେ ମିଶ୍ରଣ କରାଯାଇଥିଲା । କାଳକ୍ରମେ ବିଭିନ୍ନ ପର୍ଯ୍ୟାୟରେ ସରକାରୀ ମୁଦ୍ରଣାଳୟ ବ୍ୟାପକ ସଂପ୍ରସାରଣ କରାଯାଇ ୧୯୬୦ ଦଶକରେ ଏହା ଏସିଆ ମହାଦେଶରେ ସର୍ବବୃହତ ସରକାରୀ ମୁଦ୍ରଣାଳୟର ମାନ୍ୟତା ପାଇଥିଲା ବୋଲି କୁହାଯାଏ । ୧୯୬୨ ମସିହାରେ ଓଡ଼ିଶା ସରକାରୀ ମୁଦ୍ରଣାଳୟକୁ ବିଭାଗୀୟ ମୁଖ୍ୟ ଭାବେ ଘୋଷଣା କରାଯାଇ ମୁଦ୍ରଣ, ଲିଖନସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ, ଓଡ଼ିଶା ନାମରେ ନାମିତ କରାୟାଇଥିଲା । ବର୍ତ୍ତମାନ ଏହା ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରୁଅଛି ।

ପର୍ଯ୍ୟାୟକ୍ରମେ ବିଜ୍ଞାନର ଅଗ୍ରଗତି ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରବର୍ତ୍ତନ ଓ ତା'ର କାୟା ବିସ୍ତାର ସହିତ ତାଳଦେଇ ଓଡ଼ିଶା ସରକାରୀ ମୁଦ୍ରଣାଳୟ ଓ ଆଧୁନିକୀକରଣ କରାଯାଇଅଛି ଏବଂ ପୁରାତନ ମୁଦ୍ରଣ ଯନ୍ତ୍ରପାତି ଗୁଡ଼ିକୁ ଅତ୍ୟାଧୁନିକୀକରଣ ମୁଦ୍ରଣ ଯନ୍ତ୍ରପାତି ଦ୍ୱାରା ନବୀକରଣ କରାଯାଇ ଦେଶରେ ଏକ ଅଗ୍ରଣୀ ଏବଂ ଅତ୍ୟାଧୁନିକ ମୁଦ୍ରଣାଳୟରେ ପରିଣତ କରାଯାଇ ପାରିଛି ।

## ୩.୧. ସାଙ୍ଗଠନିକ / ପ୍ରବର୍ତ୍ତନ ସଂସ୍ଥାପନ ଗଠନ:

ଏହି ନିର୍ଦ୍ଦେଶାଳୟ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଥିବା ପ୍ରଶାସନିକ ଏବଂ ଦୁଇଟି ପ୍ରମୁଖ କାରାଖାନା ସହିତ ଆଠଟି ଶାଖା ମୁଦ୍ରଣାଳୟକୁ ନେଇ କାର୍ଯ୍ୟ କରୁଅଛି । ମୁଖ୍ୟ ମୁଦ୍ରଣାଳୟ ଦୁଇଟି କଟକର ମଧୁପାଟଣାଠାରେ ଅବସ୍ଥିତ ଏବଂ ବିଭିନ୍ନ ଶାଖା ମୁଦ୍ରଣାଳୟ ଗୁଡ଼ିକ ଭୁବନେଶ୍ୱରର ସଚିବାଳୟ ଶାଖା ମୁଦ୍ରଣାଳୟ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଅଛି । ଏହା ବ୍ୟତୀତ, ମୁଦ୍ରଣ ଏବଂ ତତସଂଲଗ୍ନ ବୈଷୟିକ ବିଷୟରେ ଆପ୍ରେଣ୍ଟିସ ତାଲିମ ଦେବା ଉଦ୍ଦେଶ୍ୟରେ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ "ସ୍କୁଲ୍ ଅଫ୍ ପ୍ରିଣ୍ଟିଙ୍ଗ୍ ଏବଂ ଆଲାଏଡ୍ ଟ୍ରେଡ୍ସ" ନାମରେ ଏକ ପ୍ରଶିକ୍ଷଣ ସଂସ୍ଥା ମଧ୍ୟ କାର୍ଯ୍ୟ କରୁଅଛି ।

### ୩.୧.୧. ସରକାରୀ ମୁଦ୍ରଣାଳୟର ୩୧-୦୧ -୨୦୨୬ ସୁଦ୍ଧା ମୂଳ ପଦବୀ ଏବଂ ଶୂନ୍ୟସ୍ଥାନ ସଂଖ୍ୟା:

| ବିଷୟ | ସମୁଦାୟ ପଦବୀ ସଂଖ୍ୟା | ଅମଲା ପଦବୀ ସଂଖ୍ୟା | ଶିଳ୍ପ / ବୈଷୟିକ ପଦବୀ ସଂଖ୍ୟା |
|---|---|---|---|

| | | | |
|---|---|---|---|
| ଅନୁମୋଦିତ ସଂଖ୍ୟା | ୧୬୫୯ | ୨୬୬ | ୧୩୯୩ |
| ବର୍ତ୍ତମାନ କାର୍ଯ୍ୟରତ ସଂଖ୍ୟା | ୪୬୭ | ୧୦୫ | ୩୬୨ |
| ଖାଲି ପଦବୀ ସଂଖ୍ୟା | ୧୧୯୨ | ୧୬୧ | ୧୦୩୧ |

ଅଦ୍ୟାବଧି ଉଚ୍ଛେଦିତ ପଦବୀ ସଂଖ୍ୟା-୧,୦୫୦

୩.୧.୨. ନିର୍ଦ୍ଦେଶାଳୟର ପ୍ରମୁଖ କାର୍ଯ୍ୟ :

- ଓଡ଼ିଶା ସରକାରୀ ମୁଦ୍ରଣାଳୟ ଓଡ଼ିଶା ସରକାରଙ୍କ ସମ୍ପୂର୍ଣ୍ଣ ମୁଦ୍ରଣ ଆବଶ୍ୟକତାକୁ ପୂରଣ କରିଥାଏ । ରାଜ୍ୟପାଳଙ୍କ ସଚିବାଳୟ, ଓଡ଼ିଶା ବିଧାନ ସଭା, ରାଜ୍ୟ ସଚିବାଳୟ, ହାଇକୋର୍ଟ, ଏ.ଜି., ଓଡ଼ିଶା ଏବଂ ଅନ୍ୟାନ୍ୟ ସମସ୍ତ ସରକାରୀ ବିଭାଗ ମାନଙ୍କର ସମସ୍ତ ପ୍ରକାର ମୁଦ୍ରଣ ଚାହିଦାକୁ ପୂରଣ କରାଯାଇଥାଏ ।
- ଏତଦ୍ ବ୍ୟତୀତ ସମସ୍ତ ସରକାରୀ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ରାଜ୍ୟର ପ୍ରାୟ ୬୫୦୦ ଇଣ୍ଡେଣ୍ଟିଂ ଅଫିସରଙ୍କ ଦ୍ୱାରା ଆବଶ୍ୟକ ହେଉଥିବା ପ୍ରାୟ ୩୦୦୦ କିସମର ସମସ୍ତ ପ୍ରକାର ଷ୍ଟାଣ୍ଡାର୍ଡ ଫର୍ମ ଏବଂ ରେଜିଷ୍ଟର ସାମଗ୍ରୀ ବିତରଣ କରାଯାଇଥାଏ ।
- ଏହା ଓଡ଼ିଶା ସରକାରଙ୍କ ସମସ୍ତ ରାଜପତ୍ର, ଡାଏରୀ ଏବଂ କ୍ୟାଲେଣ୍ଡର ଇତ୍ୟାଦିର ପ୍ରକାଶନ, ମୁଦ୍ରଣ ଏବଂ ବିତରଣ ଦାୟିତ୍ୱ ତୁଲାଇଥାଏ ।
- ସ୍କୁଲ୍ ଅଫ୍ ପ୍ରିଣ୍ଟିଙ୍ଗ୍ ଆଣ୍ଡ ଆଲାଏଡ୍ ଟ୍ରେଡ୍ସ (SPAT) ମାଧ୍ୟମରେ ପ୍ରିଣ୍ଟିଙ୍ଗ୍ ଏବଂ ଆଲାଏଡ୍ ଟ୍ରେଡ୍ସରେ ପ୍ରାୟ ୧୬୯ ଶିକ୍ଷାନବିସଙ୍କୁ ବୈଷୟିକ ଆପ୍ରେଣ୍ଟିସ ତାଲିମ ମଧ୍ୟ ପ୍ରଦାନ କରେ ଯାହା ଏହି ନିର୍ଦ୍ଦେଶାଳୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ ।
- ନିୟମିତ କାର୍ଯ୍ୟକଳାପ ବ୍ୟତୀତ, ଏହା ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଆବଶ୍ୟକ ହେଉଥିବା ବିଭିନ୍ନ ସ୍ୱତନ୍ତ୍ର ଏବଂ ଗୁପ୍ତ ମୁଦ୍ରଣ ଆବଶ୍ୟକତାକୁ ମଧ୍ୟ ପୂରଣ କରାଯାଇଥାଏ ଯଥା-ବାଲାଟ୍ ପେପର, ଏ.ଜି. ରିପୋର୍ଟ, ବଜେଟ୍ ଡକ୍ୟୁମେଣ୍ଟ୍, ପଞ୍ଚାୟତ ସମାଚାର, ବିଭିନ୍ନ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ, ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଇତ୍ୟାଦି ।

## ୩.୩. ପ୍ରେସ୍ ପ୍ରପର (ପି.ପି.) ଶିଳ୍ପ ୟୁନିଟ୍ :

ପି.ପି. ୟୁନିଟ୍ ସାଧାରଣତଃ ସମସ୍ତ ସରକାରୀ ବିଭାଗର ସମସ୍ତ ପ୍ରକାର ବାଧ୍ୟତାମୂଳକ ଏବଂ ଅଣ-ବାଧ୍ୟତାମୂଳକ ପ୍ରକାଶନ, ମୁଦ୍ରଣ ଓ କାର୍ଯ୍ୟ ସମ୍ପାଦନ କରିଥାଏ ଯଥା- ଗେଜେଟ୍ ପରି ସମସ୍ତ ସମୟ ସୀମା ନିର୍ଦ୍ଧାରିତ କାର୍ଯ୍ୟ, ବଜେଟ୍ ଡକ୍ୟୁମେଣ୍ଟ୍, ଯୋଜନା / ଅଣ-ଯୋଜନା ଡକ୍ୟୁମେଣ୍ଟ୍, ଏ.ଜି. ରିପୋର୍ଟ, ସି.ଏ.ଜି. ରିପୋର୍ଟ, ଓଡ଼ିଶା ବିଧାନ ସଭାରେ ଗୃହୀତ ବିଭିନ୍ନ ବିଲ୍, ବିତର୍କ ଏବଂ ବିଭିନ୍ନ ବିଭାଗର ବାର୍ଷିକ ରିପୋର୍ଟ, ଜୁଡିସିଆଲ୍ ଏବଂ ପେ-କମିଶନ ରିପୋର୍ଟ, ସରକାରୀ ଡାଏରୀ, କ୍ୟାଲେଣ୍ଡର,

ଭାରତୀୟ ଆଇନ ରିପୋର୍ଟ, ଆଇନ ବିଭାଗର ବିଧିଗତ ନିୟମ, ପି.ଏ.ସି ରିପୋର୍ଟ, ମାନ୍ୟବର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଏବଂ ମାନ୍ୟବର ରାଜ୍ୟପାଳଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ମୁଦ୍ରଣ କାର୍ଯ୍ୟ ଏବଂ ବିଭିନ୍ନ ବିଭାଗର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଇତ୍ୟାଦି।

୩.୩.୧. ପଦବୀ ସଂଖ୍ୟା :

| ଅନୁମୋଦନ ସଂଖ୍ୟା | ବର୍ତ୍ତମାନ କାର୍ଯ୍ୟରତ ସଂଖ୍ୟା | ଖାଲି ଥିବା ପଦବୀ ସଂଖ୍ୟା |
|---|---|---|
| ୭୬୯ | ୧୭୭ | ୫୯୨ |

୩.୩.୨. ପି.ପି.ୟୁନିଟ ଅଧୀନରେ ସମ୍ପାଦିତ କାର୍ଯ୍ୟର ବିବରଣୀ: (୩୧.୦୧.୨୦୨୬ ତାରିଖ ସୁଦ୍ଧା)

| ବର୍ଷ | ପ୍ରକାର | ବହି | ଫର୍ମ | ପ୍ୟାଡ୍ | ଏନଭଲପ୍ |
|---|---|---|---|---|---|
| ୨୦୨୩ -୨୪ | ୧୪୨୧ | ୩୧୬୨୧୦୨ | ୨୯୨୮୭୨୦୦ | ୫୧୯୯ | ୫୭୧୮୮୯୦ |
| ୨୦୨୪-୨୫ | ୨୦୭୭ | ୪୦୩୦୯୨୦ | ୧୮୭୯୧୪୩୧ | ୮୯୭୬ | ୧୨୮୦୩୦ |
| ୨୦୨୫-୨୬ | ୯୦୦ | ୧୪୯୯୪୩୭ | ୧୨୧୬୫୪୩୬ | ୪୩୫୮୭ | ୧୨୪୬୫୦ |

## ୩.୪. ପି.ପି. ୟୁନିଟ୍ ଅଧୀନରେ କାର୍ଯ୍ୟ କରୁଥିବା ଶାଖା ମୁଦ୍ରଣାଳୟ :

୩.୪.୧. ସଚିବାଳୟ ଶାଖା ପ୍ରେସ୍, ଭୁବନେଶ୍ୱର :

| କ୍ଷେତ୍ରଫଳ | ମାନବ ସ୍ଥିତି | | | ଯନ୍ତ୍ରଗୁଡ଼ିକ ଉପଲବ୍ଧ | | |
|---|---|---|---|---|---|---|
| | ମଞ୍ଜୁର ପ୍ରାପ୍ତ ପଦବୀ ସଂଖ୍ୟା | ବର୍ତ୍ତମାନ କାର୍ଯ୍ୟରତ ପଦବୀ ସଂଖ୍ୟା | ଖାଲିଥିବା ପଦବୀ ସଂଖ୍ୟା | ମୁଦ୍ରଣ ଯନ୍ତ୍ର | ବୁକ ବାନ୍ଧିବା ଏବଂ ସହଯୋଗୀ ଯନ୍ତ୍ର | ପ୍ରି- ପ୍ରେସ୍ ମେସିନ୍ |
| ସାଧାରଣ ପ୍ରଶାସନ ବିଭାଗ ବିଲଡିଂ | ୭୫ | ୩୯ | ୩୬ | ୦୩ | ୦୯ | ୦୨ |

ପ୍ରମୁଖ କାର୍ଯ୍ୟକଳାପ : ଓଡ଼ିଶା ବିଧାନ ସଭା ଏବଂ ରାଜ୍ୟପାଳଙ୍କ ସଚିବାଳୟର ସମସ୍ତ ମୁଦ୍ରଣ କାର୍ଯ୍ୟ, ଓଡ଼ିଶା ରାଜପତ୍ର ଏବଂ ବିଭିନ୍ନ ବିଭାଗର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ତ ମୁଦ୍ରଣ କାର୍ଯ୍ୟ ଏହି ଶାଖା ମୁଦ୍ରଣାଳୟରେ ସମ୍ପାଦିତ ହୁଏ।

୩.୪.୨. ଶାଖା ସରକାରୀ ପ୍ରେସ୍, ଖଣ୍ଡପଡ଼ା :

ଏହି ଶାଖା ପ୍ରେସ୍ ୧୯୬୪ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିରେନ ମିତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

| କ୍ଷେତ୍ର | ପଦବୀ ସ୍ଥିତି | | | ଯନ୍ତ୍ରଗୁଡ଼ିକ ଉପଲବ୍ଧ | |
|---|---|---|---|---|---|
| | ମଞ୍ଜୁର ପ୍ରାପ୍ତ ପଦବୀ | କାର୍ଯ୍ୟରତ ପଦବୀ | ଖାଲି ଥିବା ପଦବୀ | ମୁଦ୍ରଣ ଯନ୍ତ୍ର | ବାନ୍ଧିବା ଏବଂ ସହଯୋଗୀ ମେସିନ୍ |
| ଏକର ୦.୨୯ ଡ଼େସିମାଲ | ୧୦ | ୦୪ | ୦୬ | ୦୦ | ୦୨ |

ପ୍ରମୁଖ କାର୍ଯ୍ୟକଳାପ : ଇସୁ ରେଜିଷ୍ଟର, ଫ୍ଲାଟ ଫାଇଲ୍ ବୋର୍ଡ, ବିଭିନ୍ନ ପ୍ରକାରର ଏନଭଲ୍ପ, ନିର୍ବାଚନ ସମ୍ବନ୍ଧୀୟ ଏନଭଲ୍ପ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରିଣ୍ଟିଂ ଏବଂ ବନ୍ଧେଇ କାର୍ଯ୍ୟ ଏଠାରେ ସମ୍ପାଦିତ ହୁଏ।

୩.୪.୩. ଶାଖା ସରକାରୀ ପ୍ରେସ୍, ଛତ୍ରପୁର :

ସ୍ୱାଧୀନତା ପୂର୍ବରୁ ଇଂରାଜୀ ଶାସକଙ୍କ ଅଧୀନରେ ଥିବା ଏହି ଶାଖା ମୁଦ୍ରଣାଳୟ ପରବର୍ତ୍ତୀ ସମୟରେ ଓଡ଼ିଶା ସରକାରୀ ମୁଦ୍ରଣାଳୟ ସହିତ ମିଶ୍ରିତ ହୋଇଥିଲା ।

| କ୍ଷେତ୍ର | ପଦବୀ ସ୍ଥିତି | | | ଯନ୍ତ୍ରଗୁଡ଼ିକ ଉପଲବ୍ଧ | |
|---|---|---|---|---|---|
| | ମଞ୍ଜୁର ପ୍ରାପ୍ତ ପଦବୀ | କାର୍ଯ୍ୟରତ ପଦବୀ | ଖାଲି ଥିବା ପଦବୀ | ମୁଦ୍ରଣ ଯନ୍ତ୍ର | ବାନ୍ଧିବା ଏବଂ ସହଯୋଗୀ ମେସିନ୍ |
| ଏକର ୦.୦୭ ଡ଼େସିମାଲ | ୧୫ | ୦୩ | ୧୨ | ୦୦ | ୦୨ |

ପ୍ରମୁଖ କାର୍ଯ୍ୟକଳାପ: ଇସୁ ରେଜିଷ୍ଟର, ଫ୍ଲାଟ ଫାଇଲ୍ ବୋର୍ଡ, ବିଭିନ୍ନ ପ୍ରକାରର ଏନଭଲ୍ପ, ନିର୍ବାଚନ ସମ୍ବନ୍ଧୀୟ ଏନଭଲ୍ପ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରିଣ୍ଟିଂ ଏବଂ ବନ୍ଧେଇ କାର୍ଯ୍ୟ ଏଠାରେ ସମ୍ପାଦିତ ହୁଏ ।

୩.୪.୪. ପ୍ରକାଶନ ୟୁନିଟ୍ :

ପ୍ରକାଶନ ୟୁନିଟ୍ ସାଧାରଣତଃ ବିଭିନ୍ନ ସରକାରୀ ପ୍ରକାଶନ ଗୁଡ଼ିକୁ ବଣ୍ଟନ ଏବଂ ବିକ୍ରୟ କରିଥାଏ । ୨୦୨୫-୨୬ ଆର୍ଥିକ ବର୍ଷରେ ୧୬,୫୯୦ ଖଣ୍ଡ ସରକାରୀ ଡାଏରୀ, ୪୪,୨୨୦ ଖଣ୍ଡ କାର୍ଡ କ୍ୟାଲେଣ୍ଡର, ୩୦.୦୨୫ ଖଣ୍ଡ ସିଟ୍ କ୍ୟାଲେଣ୍ଡର ଏବଂ ୧୧୫୦ ଖଣ୍ଡ ମାଉଣ୍ଟ କ୍ୟାଲେଣ୍ଡର ବିକ୍ରୟ ଏବଂ ବଣ୍ଟନ କରାଯାଇଛି । ଏହା ବ୍ୟତୀତ, ୫୨ ସଂସ୍କରଣ ସାପ୍ତାହିକ ରାଜପତ୍ର ଏବଂ ୬୦୮୦ ଦୈନିକ ରାଜପତ୍ର ସଂଗୃହୀତ କରାଯାଇ ସରକାରଙ୍କର ଦ୍ୱାରା ପ୍ରେରିତ ତାଲିକା ଅନୁଯାଇ ବଣ୍ଟନ କରାଯାଇଅଛି।

*୩.୪.୪.୧. ୨୦୨୫-୨୬ ବର୍ଷରେ ବିକ୍ରୟ ହୋଇଥିବା ସରକାରୀ ଡାଏରୀ ଏବଂ କ୍ୟାଲେଣ୍ଡର ର ପରିମାଣ : (୩୧-୦୧-୨୦୨୬ ସୁଦ୍ଧା)*

| କ୍ରମିକ ସଂଖ୍ୟା | ବର୍ଷ | ପ୍ରକାଶନର ନାମ | ବିକ୍ରୟ ପରିମାଣ | ସଂଗୃହୀତ ରାଜସ୍ୱ (ଟଙ୍କାରେ) |
|---|---|---|---|---|
| ୧ | ୨୦୨୫-୨୬ | ଡ଼ାଏରୀ | ୧୬୫୯୦ | ୩୩,୧୮,୦୦୦ |
| | | ସିଟ୍ କ୍ୟାଲେଣ୍ଡର | ୩୦୦୨୫ | ୩,୦୦,୨୫୦ |
| | | କାର୍ଡ କ୍ୟାଲେଣ୍ଡର | ୪୪୨୩୦ | ୨,୨୧,୧୫୦ |
| | | ମାଉଣ୍ଟ କ୍ୟାଲେଣ୍ଡର | ୧୧୫୦ | ୮୦,୫୦୦ |
| | | | ସମୁଦାୟ: | ୩୯,୧୯,୯୦୦ |

*୩.୪.୪.୨. ପ୍ରକାଶିତ ଓଡ଼ିଶା ରାଜପତ୍ର ସଂଖ୍ୟା( କ୍ୟାଲେଣ୍ଡର ବର୍ଷ ଅନୁସାରେ) :*

| କ୍ରମିକ ସଂଖ୍ୟା | ବର୍ଷ | ଓଡ଼ିଶା ସାପ୍ତାହିକ ଗେଜେଟ୍ | ଅତିରିକ୍ତ ସାଧାରଣ ଗେଜେଟ୍ |
|---|---|---|---|
| ୧ | ୨୦୨୩ | ୫୨ | ୨,୯୨୬ |
| ୨ | ୨୦୨୪ | ୫୨ | ୨,୫୪୬ |
| ୩ | ୨୦୨୫ | ୫୨ | ୬,୦୮୦ |

୩.୪.୫. ଫର୍ମସ୍ ୟୁନିଟ୍ :

ଫର୍ମସ୍ ୟୁନିଟ୍ ଏହି ନିର୍ଦ୍ଦେଶାଳୟର ଅନ୍ୟ ଏକ ପ୍ରମୁଖ ଉତ୍ପାଦନ ୟୁନିଟ୍ ଅଟେ । ଯାହାକି ରାଜ୍ୟ ସରକାରଙ୍କ ସମସ୍ତ ଦପ୍ତରର ସୁପରିଚାଳନା ପାଇଁ ଆବଶ୍ୟକୀୟ ଫର୍ମ ଏବଂ ରେଜିଷ୍ଟର ଏବଂ ଅନ୍ୟାନ୍ୟ ମୁଦ୍ରଣ ଜନିତ ଆବଶ୍ୟକତାକୁ ପୂରଣ କରିଥାଏ । ଏହା ପ୍ରାୟ ୩୦୦୦ ପ୍ରକାରର ଷ୍ଟାଣ୍ଡାର୍ଡ ଫର୍ମ ଏବଂ ରେଜିଷ୍ଟର ୪୨ଟି ସିଡ୍ୟୁଲ ଅନ୍ତର୍ଗତ ରେଜିଷ୍ଟର ତାଲିକା ଅନୁଯାୟୀ ଛାପିଥାଏ ଏବଂ ରାଜ୍ୟର ପ୍ରାୟ ୬୫୦୦ ଇଣ୍ଡେଣ୍ଟିଂ ଅଫିସରଙ୍କ ମଧ୍ୟରେ ବଣ୍ଟନ କରିଥାଏ । ଏହା ବ୍ୟତୀତ ଏହି ୟୁନିଟ ପି.ପି. ୟୁନିଟ ଦ୍ୱାରା ଦିଆଯାଉଥିବା ଜରୁରୀ କାମ ଯଥା-ବଜେଟ୍/ବାଲଟ ପେପର/ରାଜ୍ୟ ନିର୍ବାଚନର ଫର୍ମ ଓ ଲଫାପା/ଉତ୍କଳ ପ୍ରସଙ୍ଗ / ଓଡ଼ିଶା ରିଭ୍ୟୁ/ ଡାଏରୀ ଓ କ୍ୟାଲେଣ୍ଡର ମୁଦ୍ରଣ ସମ୍ପାଦିତ କରିଥାଏ ।

*୩.୪.୫.୧. ପଦବୀ ସଂଖ୍ୟା :*

| ମଞ୍ଜୁର ପ୍ରାପ୍ତ ପଦବୀ ସଂଖ୍ୟା | କାର୍ଯ୍ୟରତ ପଦବୀ | ଖାଲିଥିବା ପଦବୀ |
|---|---|---|

| | ସଂଖ୍ୟା | ସଂଖ୍ୟା |
|---|---|---|
| ୪୫୭ | ୧୦୯ | ୩୪୮ |

*୩.୪.୫.୨. ଫର୍ମସ୍ ୟୁନିଟରେ ସମ୍ପାଦିତ ହୋଇଥିବା କାର୍ଯ୍ୟଗୁଡ଼ିକ: (୩୧-୦୧ -୨୦୨୬  ପର୍ଯ୍ୟନ୍ତ)*

| ବର୍ଷ | ଖାଲି ଫର୍ମଗୁଡିକ | ବହି |
|---|---|---|
| ୨୦୨୫-୨୬ | ୧୨୮୭୩୩୫୦ | ୨୭୨୮୮୮ |

*୩.୪.୫.୩. ଫର୍ମସ୍ ବିଭାଗ ଦ୍ୱାରା ୨୦୨୫-୨୬ ରେ ବଣ୍ଟନ ହୋଇଥିବା ସରକାରୀ ଫର୍ମ ଇତ୍ୟାଦିର ସଂଖ୍ୟା:*

| ବର୍ଷ | ଇଣ୍ଡେଣ୍ଟିଂ ଅଫିସରଙ୍କ ସଂଖ୍ୟା | ବହି | ଖାଲି | ସଂଗୃହୀତ ରାଜସ୍ୱ (ଟଙ୍କାରେ) |
|---|---|---|---|---|
| ୨୦୨୫-୨୬ | ୧୩୨୯ | ୨୨୭୭୦୬ | ୧୬୮୭୨୯୨୬ | ୨୮୮ ୦୨୧୩ |

୩.୪.୬. ଫର୍ମସ୍ ୟୁନିଟ୍ ଅଧୀନରେ ଶାଖା ମୁଦ୍ରଣାଳୟ:

*୩.୪.୬.୧. ଶାଖା ସରକାରୀ ମୁଦ୍ରଣାଳୟ, କେନ୍ଦୁଝର:*

ଏହି ଶାଖା ମୁଦ୍ରଣାଳୟ ୧୯୩୪ ମସିହାରେ କେନ୍ଦୁଝରର ତତ୍କାଳୀନ ରାଜାସାହେବ ଧନୁର୍ଜୟ ନାରାୟଣ ଭଞ୍ଜଦେଓଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

ସ୍ୱାଧୀନତା ପରେ ଏହା ଓଡ଼ିଶା ସରକାରୀ ମୁଦ୍ରଣାଳୟ ସହିତ ମିଶ୍ରଣ ହୋଇଥିଲା ।

| କ୍ଷେତ୍ରଫଳ | ପଦବୀ ସ୍ଥିତି | | | ଯନ୍ତ୍ରଗୁଡ଼ିକ ଉପଲବ୍ଧ | |
|---|---|---|---|---|---|
| | ମଞ୍ଜୁର ପ୍ରାପ୍ତ ପଦବୀ | କାର୍ଯ୍ୟରତ ପଦବୀ | ଖାଲି ଥିବା ପଦବୀ | ମୁଦ୍ରଣ ଯନ୍ତ୍ର | ବାନ୍ଧିବା ଏବଂ ସହଯୋଗୀ ମେସିନ୍ |
| ଏକର ୧.୦୫୪ ଡ଼େସିମାଲ | ୨୪ | ୧୮ | ୦୬ | ୦୨ | ୦୩ |

ସରକାରୀ ମୁଦ୍ରଣାଳୟର ଆଧୁନିକୀକରଣ ପରିପ୍ରେକ୍ଷୀରେ ଏଠାରେ ବିଗତ ବର୍ଷ ଆଧୁନିକ ୱେବ ଅଫସେଟ୍ ମୁଦ୍ରଣଯନ୍ତ୍ରର ସ୍ଥାପନ କରାଯାଇଛି ।

### *୩.୪.୬.୨. ଶାଖା ସରକାରୀ ମୁଦ୍ରଣାଳୟ, ବଲାଙ୍ଗୀର:*

ଏହି ଶାଖା ପ୍ରେସ୍ ୧୯୧୩ ମସିହାରେ ବଲାଙ୍ଗୀରର ତତ୍କାଳୀନ ରାଜା ଦଳିଗଞ୍ଜଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ସ୍ୱାଧୀନତା ପରେ ଏହା ସରକାରୀ ମୁଦ୍ରଣାଳୟ ସହିତ ମିଶ୍ରଣ ହୋଇଥିଲା ।

| କ୍ଷେତ୍ରଫଳ | ପଦବୀ ସ୍ଥିତି | | | ଯନ୍ତ୍ରଗୁଡ଼ିକ ଉପଲବ୍ଧ | |
|---|---|---|---|---|---|
| | ମଞ୍ଜୁର ପ୍ରାପ୍ତ ପଦବୀ | କାର୍ଯ୍ୟରତ ପଦବୀ | ଖାଲି ଥିବା ପଦବୀ | ମୁଦ୍ରଣ ଯନ୍ତ୍ର | ବାନ୍ଧିବା ଏବଂ ସହଯୋଗୀ ମେସିନ୍ |
| ଏକର ୦.୮୭୦ ଡ଼େସିମାଲ | ୨୦ | ୦୪ | ୧୬ | ୦୦ | ୦୨ |

### *୩.୪.୬.୩. ଶାଖା ସରକାରୀ ମୁଦ୍ରଣାଳୟ, ଦେଓଗଡ଼:*

୧୮୮୬ ମସିହାରେ ରାଜା ବାସୁଦେବ ସୁବଳ ଦେବଙ୍କ ଦ୍ୱାରା ଏହି ଶାଖା ମୁଦ୍ରଣାଳୟ ପ୍ରତିଷ୍ଠା କରାଯାଇଥିଲା । ସ୍ୱାଧୀନତା ପରେ ଏହା ଓଡ଼ିଶା ସରକାରୀ ମୁଦ୍ରଣାଳୟ ସହିତ ମିଶ୍ରଣ ହୋଇଥିଲା ।

| କ୍ଷେତ୍ରଫଳ | ପଦବୀ ସ୍ଥିତି | | | ଯନ୍ତ୍ରଗୁଡ଼ିକ ଉପଲବ୍ଧ | |
|---|---|---|---|---|---|
| | ମଞ୍ଜୁର ପ୍ରାପ୍ତ ପଦବୀ | କାର୍ଯ୍ୟରତ ପଦବୀ | ଖାଲି ଥିବା ପଦବୀ | ମୁଦ୍ରଣ ଯନ୍ତ୍ର | ବାନ୍ଧିବା ଏବଂ ସହଯୋଗୀ ମେସିନ୍ |
| ଏକର ୦.୧୦ ଡ଼େସିମାଲ | ୧୬ | ୦୩ | ୧୩ | ୦୦ | ୦୨ |

### *୩.୪.୬.୪. ଶାଖା ସରକାରୀ ମୁଦ୍ରଣାଳୟ, ଭବାନୀପାଟଣା:*

ଏହି ଶାଖା ପ୍ରେସ୍ ୧୯୮୧-୮୨ ମସିହାରେ ପୂର୍ବତନ ମନ୍ତ୍ରୀ (ବାଣିଜ୍ୟ) ଦୟାନିଧି ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

| କ୍ଷେତ୍ର କ୍ଷେତ୍ରଫଳ | ପଦବୀ ସ୍ଥିତି | | | ଯନ୍ତ୍ରଗୁଡ଼ିକ ଉପଲବ୍ଧ | |
|---|---|---|---|---|---|
| | ମଞ୍ଜୁର ପ୍ରାପ୍ତ ପଦବୀ | କାର୍ଯ୍ୟରତ ପଦବୀ | ଖାଲି ଥିବା ପଦବୀ | ମୁଦ୍ରଣ ଯନ୍ତ୍ର | ବାନ୍ଧିବା ଏବଂ ସହଯୋଗୀ ମେସିନ୍ |
| ଏକର ୨.୭୪୫ ଡ଼େସିମାଲ | ୧୦ | ୦୬ | ୦୪ | ୦୦ | ୦୨ |

### ୩.୪.୭. ମୁଦ୍ରଣ ବିଦ୍ୟାଳୟ:

ସ୍କୁଲ ଅଫ୍ ପ୍ରିଣ୍ଟିଂ ଆଣ୍ଡ ଆଲାଏଡ୍ ଟ୍ରେଡ୍ସ ୧୯୫୫ ମସିହାରେ ପ୍ରିଣ୍ଟିଂ, ଷ୍ଟେସନାରୀ ଆଣ୍ଡ ପବ୍ଲିକେସନ୍, ଓଡ଼ିଶା ନିର୍ଦ୍ଦେଶାଳୟର ପ୍ରଶାସନିକ ନିୟନ୍ତ୍ରଣରେ ପ୍ରତିଷ୍ଠିତ ହୋଇଥିଲା । ଆପ୍ରେଣ୍ଟିସ୍ ଆକ୍ଟ-୧୯୬୧ ର ଧାରା-୯ ରେ ଥିବା ବ୍ୟବସ୍ଥା ଅନୁଯାୟୀ ଏହି ମୁଦ୍ରଣ ବିଦ୍ୟାଳୟ ୧୯୭୧ ମସିହାରେ ଏକ ମୌଳିକ ତାଲିମ କେନ୍ଦ୍ରରେ ପରିଣତ ହୋଇଛି ।

ସେବେଠାରୁ, ବିଦ୍ୟାଳୟଟି ବିଭିନ୍ନ ମୁଦ୍ରଣ ବିଭାଗରେ ବୈଷୟିକ ତାଲିମ ଦେବା ସହିତ ଆଇ.ଟି.ଆଇ. ଶିକ୍ଷାର୍ଥୀ ମାନଙ୍କୁ ପରବର୍ତ୍ତୀ ଆପ୍ରେଣ୍ଟିସ୍ ତାଲିମ ଓ ସେହିପରି ମାଟ୍ରିକ ପାସ କରିଥିବା ବେକାର ଯୁବକ ଯୁବତୀ ମାନଙ୍କୁ ପ୍ରାରମ୍ଭରେ ଲେଟର ପ୍ରେସ୍, କମ୍ପୋଜିଂ, ଲାଇନୋ-ଅପରେଟର, ମୋନୋ ଅପରେଟର ଏବଂ ଖୋଦନ ଇତ୍ୟାଦିର ବିଭାଗରେ ଏହି ତାଲିମ ପ୍ରଦାନ କରାଯାଉଥିଲା । କିନ୍ତୁ, ସର୍ବଶେଷ ପ୍ରିଣ୍ଟିଂ ଟେକ୍ନୋଲୋଜିର ପ୍ରବର୍ତ୍ତନ ପରେ, ବର୍ତ୍ତମାନ କେବଳ ଅଫସେଟ ପ୍ରିଣ୍ଟିଙ୍ଗ, ପ୍ଲେଟ୍ ମେକିଙ୍ଗ, ରିଟଚିଂ ଏବଂ ବୁକ୍ ବାଇଣ୍ଡିଙ୍ଗରେ ତାଲିମ ଦିଆଯାଉଅଛି ।

ଏହି ଅନୁଷ୍ଠାନରେ ଆବଶ୍ୟକ ସର୍ଭେ କରିବା ପରେ ରାଜ୍ୟ ଆପ୍ରେଣ୍ଟିସିପ୍ ପରାମର୍ଶଦାତା, ତାଲିମ ଦେବା ପାଇଁ ବିଭିନ୍ନ ବିଭାଗରେ ସିଟ୍ ସଂଖ୍ୟା ସ୍ଥିର କରିଛନ୍ତି । ଶିକ୍ଷାନବିସମାନଙ୍କୁ ପ୍ରଦାନ କରାଯାଇଥିବା ବିସ୍ତୃତ ତାଲିମ ଏବଂ ଷ୍ଟାଇପେଣ୍ଡର ହାର ନିମ୍ନରେ ଉଲ୍ଲେଖ କରାଯାଇଛି:



ବହି ବନ୍ଧାଣୀ ଟ୍ରେଡ୍ ରେ ତାଲିମରତ ଶିକ୍ଷାନିବେଶ



ଅପସେଟ୍ ପ୍ରିଣ୍ଟିଙ୍ଗ ଟ୍ରେଡ୍ ରେ ତାଲିମରତ ଶିକ୍ଷାନିବେଶ

*୩.୪.୭.୧. ମ୍ୟାନ୍ ପାୱାର୍ ସ୍ଥିତି (୩୧.୦୧.୨୦୨୬ ସୁଦ୍ଧା):*

| ମଞ୍ଜୁର ପ୍ରାପ୍ତ ପଦବୀ | କାର୍ଯ୍ୟରତ ପଦବୀ | ଖାଲି ଥିବା ପଦବୀ |
|---|---|---|
| ୨୨ | ୧୩ | ୦୯ |

*୩.୪.୭.୨. ପ୍ରିଣ୍ଟିଂ ଆପ୍ରେଣ୍ଟିସ୍ :*

| କ୍ରମିକ ସଂଖ୍ୟା | ଟ୍ରେଡ | ବର୍ତ୍ତମାନର ମଞ୍ଜୁରୀ ପଦବୀ | ପ୍ରଶିକ୍ଷଣର ଅବଧି | ଷ୍ଟାଇପେଣ୍ଡର ହାର |
|---|---|---|---|---|
| ୧ | ବୁକ୍ ବାଇଣ୍ଡର୍ | ୭୫ | ୦୨ ବର୍ଷ | ୧ମ ବର୍ଷ ଟଙ୍କା ୮୨୦୦<br>୨ୟ ବର୍ଷ ଟଙ୍କା ୯୦୨୦<br>୩ୟ ବର୍ଷ ଟଙ୍କା ୯୪୩୦ |
| ୨ | ପ୍ଲେଟ୍ ମେକର୍ | ୦୮ | ୦୨ ବର୍ଷ | |
| ୩ | ଅଫସେଟ ମେସିନ୍ ମାଇଣ୍ଡର୍ | ୪୫ | ୦୩ ବର୍ଷ | |
| ୪ | ପ୍ଲେଟ ମେକିଙ୍ଗ ଏବଂ ରିଟଚିଙ୍ଗ୍ | ୦୫ | ୦୩ ବର୍ଷ | |
| | ସମୁଦାୟ : | ୧୩୩ | | |

*୩.୪.୭.୩. ଆଇ.ଟି.ଆଇ. ଆପ୍ରେଣ୍ଟିସ୍ ବ୍ରେକଅପ୍ :*

| କ୍ରମିକ ସଂଖ୍ୟା | ଟ୍ରେଡ | ବର୍ତ୍ତମାନର ମଞ୍ଜୁରୀ ପଦବୀ | ପ୍ରଶିକ୍ଷଣର ଅବଧି | ଷ୍ଟାଇପେଣ୍ଡର ହାର |
|---|---|---|---|---|
| ୧ | ଫିଟର୍ | ୦୩ | ୦୧ ବର୍ଷ | ଟଙ୍କା ୧୦୫୬୦ |
| ୨ | ଟର୍ନର | ୦୨ | ୦୧ ବର୍ଷ | ଟଙ୍କା ୧୦୫୬୦ |
| ୩ | ମେସିନିଷ୍ଟ | ୦୨ | ୦୧ ବର୍ଷ | ଟଙ୍କା ୧୦୫୬୦ |
| ୪ | ଇଲେକ୍ଟ୍ରୋନିକ୍ ମେକାନିକ୍ | ୦୧ | ୦୧ ବର୍ଷ | ଟଙ୍କା ୧୦୫୬୦ |
| ୫ | ଇଲେକଟ୍ରିସିଆନ୍ | ୦୩ | ୦୧ ବର୍ଷ | ଟଙ୍କା ୧୦୫୬୦ |
| ୬ | କୋପା | ୨୦ | ୦୧ ବର୍ଷ | ଟଙ୍କା ୯୬୦୦ |
| ୭ | ୱେଲଡର୍ | ୦୨ | ୦୧ ବର୍ଷ | ଟଙ୍କା ୯୬୦୦ |
| ୮ | ଡିଜେଲ ମେକାନିକ୍ | ୦୧ | ୦୧ ବର୍ଷ | ଟଙ୍କା ୧୦୫୬୦ |
| ୯ | ବଢ଼େଇ | ୦୨ | ୦୧ବର୍ଷ | ଟଙ୍କା ୧୦୫୬୦ |
| | ସମୁଦାୟ : | ୩୬ | | |

ବିଶେଷ ଟିପ୍ପଣୀ :

- ବିଦ୍ୟାଳୟ ୟୁନିଟ୍ ର ମୋଟ ତାଲିମ କ୍ଷମତା ୧୩୩+୩୬=୧୬୯
- ସାଧାରଣତଃ ବିଦ୍ୟାଳୟ ୟୁନିଟ୍ ବର୍ଷରେ ଦୁଇଥର ଶିକ୍ଷାନବିସମାନଙ୍କୁ ନିୟୋଜିତ କରିଥାଏ ଯଥା- ମାର୍ଚ୍ଚ / ଏପ୍ରିଲ୍ ଏବଂ ଅଗଷ୍ଟ/ ସେପ୍ଟେମ୍ବର
- ୨୦୨୫-୨୬ ମସିହାରେ ବିଦ୍ୟାଳୟ ୟୁନିଟ୍ ବିଭିନ୍ନ ପ୍ରିଣ୍ଟିଂ ଟ୍ରେଡ୍ ଏବଂ ଏକ୍ସ-ଆଇଟିଆଇ ଟ୍ରେଡ୍ସରେ ୧୨୩ ଜଣ ଆପ୍ରେଣ୍ଟିସ୍ ନିୟୋଜିତ କରି ତାଲିମ ପ୍ରଦାନ କରାଯାଇଥିଲା ।

*୩.୪.୭.୪. ବଜେଟ୍ ବ୍ୟବସ୍ଥା (SPAT) :*

| ବର୍ଷ | ଆକାଉଣ୍ଟ ହେଡ୍ | ବ୍ୟବସ୍ଥା | ଖର୍ଚ୍ଚ |
|---|---|---|---|
| ୨୦୨୫-୨୬ | ୨୨୩୦(ବୈଷୟିକ ଶିକ୍ଷା) | ୧,୦୨,୦୦,୦୦୦ | ୮୯,୩୪,୨୭୮ |

୩.୪.୮. ଷ୍ଟେସନାରୀ ୟୁନିଟ୍:

ଷ୍ଟେସନାରୀ ୟୁନିଟ୍ ନିର୍ଦ୍ଦେଶାଳୟର ଏକ ଅଂଶ ଯାହାକି ପୂର୍ବରୁ ରାଜ୍ୟର ୬୫୦୦ ଇଣ୍ଡେଣ୍ଟିଂ ଅଫିସରଙ୍କ ମଧ୍ୟରେ ଯୋଗାଣ ଏବଂ ବଣ୍ଟନ ପାଇଁ ୧୪୭ ପ୍ରକାରର ଆଇଟମ୍ କ୍ରୟ କରୁଥିଲା । କିନ୍ତୁ, ବର୍ତ୍ତମାନ ଏହି ୱିଙ୍ଗ୍ ଓଡ଼ିଶା ହାଇକୋର୍ଟର ସମସ୍ତ ଷ୍ଟେସନାରୀ ଆର୍ଟିକିଲ୍ କ୍ରୟ, ସଂରକ୍ଷଣ ଏବଂ ଯୋଗାଣର ଦାୟିତ୍ୱ ଗ୍ରହଣ କରିଛି । ଏତତ୍ ବ୍ୟତୀତ ଡାଏରୀ କଭର୍ ଏବଂ ପ୍ରିଣ୍ଟିଂ ନିର୍ଦ୍ଦେଶାଳୟ ପାଇଁ ଆବଶ୍ୟକ ଷ୍ଟେସନାରୀ ଆର୍ଟିକିଲ୍ ସମେତ IT ସମ୍ପର୍କିତ କମ୍ପ୍ୟୁଟର, ପ୍ରିଣ୍ଟର, ସ୍କାନର, କପିୟର ଇତ୍ୟାଦି କ୍ରୟ କରି ନିର୍ଦ୍ଦେଶାଳୟର ସୁପରିଚାଳନା ପାଇଁ ଯୋଗାଇ ଦିଆଯାଇଥାଏ ।

*୩.୪.୮.୧. ମ୍ୟାନ୍ ପାୱାର୍ ସ୍ଥିତି :*

| ମଞ୍ଜୁର ପ୍ରାପ୍ତ ପଦବୀ | କାର୍ଯ୍ୟରତ ପଦବୀ | ଖାଲି ଥିବା ପଦବୀ |
|---|---|---|
| ୨୪୧ | ୯୧ | ୧୫୦ |

*୩.୪.୮.୨. ଷ୍ଟେସନାରୀ କ୍ରୟ ନିମନ୍ତେ ଓଡ଼ିଶା ହାଇକୋର୍ଟ ପାଇଁ ବଜେଟ୍ ବ୍ୟବସ୍ଥା :*

| ବର୍ଷ | ଆକାଉଣ୍ଟ ହେଡ୍ | ବ୍ୟବସ୍ଥା | ଖର୍ଚ୍ଚ |
|---|---|---|---|
| ୨୦୨୫-୨୬ | ୨୦୫୮ | ୯୦,୦୦,୦୦୦ | ୫୯,୧୫,୩୦୯ |

*୩.୪.୮.୩. ଓଡ଼ିଶା ହାଇକୋର୍ଟକୁ ଯୋଗାଇ ଦିଆଯାଉଥିବା ଷ୍ଟେସନାରୀ ଆର୍ଟିକିଲର ବିଭିନ୍ନତା ଏବଂ ପରିମାଣ:*

| ବର୍ଷ | ବସ୍ତୁର ନାମ | କିସମର ସଂଖ୍ୟା | ଭଲ୍ୟୁମ୍ / ପରିମାଣ |
|---|---|---|---|
| ୨୦୨୫-୨୬ | A/4 ଆକାରର କାଗଜ (ଜେ.କେ. କୋପିଏର) | ୦୧ | ୭୫ GSM ର ୧୬୦୦୦ ରିମ୍ |

| | | | |
|---|---|---|---|
| | A/4 ଆକାରର କାଗଜ (ଜେ.କେ. କୋପିଏର) ସେଡାର | ୦୧ | ୧୦୦ GSM ର ୫୦ ରିମ୍ |
| | A/4 ଆକାରର କାଗଜ (ଜେ.କେ. ଏକ୍ସେଲ ବଣ୍ଡ) | ୦୧ | ୧୦୦ GSM ର ୫୦ ରିମ୍ |
| | ଓଡ଼ି ଗ୍ଲସି ଫଟୋପେପର | ୦୧ | ୪୦ ରିମ୍ |
| | ଷ୍ଟେସନାରୀ ସାମଗ୍ରୀ | ୭୧ | ୩୬୪୭୪ ସଂଖ୍ୟା |

୩.୪.୯. ନିର୍ଦ୍ଦେଶାଳୟ ଦ୍ୱାରା ସଂଗୃହୀତ ରାଜସ୍ୱ (୩୧-୦୧ -୨୦୨୬ ପର୍ଯ୍ୟନ୍ତ):

| ବର୍ଷ | ସଂଗୃହୀତ ରାଜସ୍ୱ |
|---|---|
| ୨୦୨୫-୨୬ | ୧,୯୪,୬୬,୦୦୦ |

ଡାଏରୀ, କ୍ୟାଲେଣ୍ଡର ଏବଂ ଗେଜେଟର ବିକ୍ରୟ ଆୟ, ଅଣ ବାଧ୍ୟତାମୂଳକ ମୁଦ୍ରଣକାର୍ଯ୍ୟର ମୂଲ୍ୟ, ଷ୍ଟାଣ୍ଡାର୍ଡ଼ ଫର୍ମର ବିକ୍ରୟ ଆୟ, ମୂଲ୍ୟ ଦେୟ ଆଧାରିତ  କାର୍ଯ୍ୟକାରୀ ହୋଇଥିବା ଗେଜେଟ୍, ବର୍ଜ୍ୟ କାଗଜର ମୂଲ୍ୟ ଏବଂ ଅନ୍ୟାନ୍ୟ ଅବ୍ୟବହୃତ ଆର୍ଟିକିଲ୍ସର ବିକ୍ରୟ ଆୟ ସଂଗୃହୀତ ରାଜସ୍ୱରେ ଅନ୍ତର୍ଭୁକ୍ତ  ଅଟେ।

୩.୪.୯. ଇ-ଇଣ୍ଡେଣ୍ଟ ଓ ସପ୍ଲାଇ ପରିଚାଳନା ପ୍ରଣାଳୀ (e-ISMS):

ଫର୍ମ୍ସ ୟୁନିଟ୍‌ର ଇଣ୍ଡେଣ୍ଟ ଓ ସପ୍ଲାଇ ପରିଚାଳନା ପ୍ରଣାଳୀକୁ ସ୍ୱୟଂଚାଳିତ କରିବା ପାଇଁ ଇ-ଇଣ୍ଡେଣ୍ଟ ଓ ସପ୍ଲାଇ ପରିଚାଳନା ପ୍ରୟୋଗାଧାରିତ ସଫ୍ଟୱେର (e-ISMS)ର ବ୍ୟବସ୍ଥା କରାଯାଇଅଛି । ଏହି ପ୍ରଣାଳୀ ମାଧ୍ୟମରେ ରାଜ୍ୟର ସମସ୍ତ ଇଣ୍ଡେଣ୍ଟିଂ ଅଧିକାରୀମାନଙ୍କୁ ଆବଶ୍ୟକୀୟ ଫର୍ମ୍ସ ଓ ରେଜିଷ୍ଟରର ସୁଚାରୁ, ସହଜ ଏବଂ ସୁନିଶ୍ଚିତ ବଣ୍ଟନ କାର୍ଯ୍ୟକାରୀ ହେଉଅଛି ।

# ରାଜ୍ୟ ପରିବହନ

# ପ୍ରାଧିକରଣ

# ୪. ରାଜ୍ୟ ପରିବହନ ପ୍ରାଧିକରଣ (STA)

## ୪.୧ ମୋଟର ଯାନ ରାଜସ୍ୱ (ଟିକସ ଓ ଶୁଳ୍କ)

ଓଡ଼ିଶା ମୋଟର ଯାନ କର ଆଇନ, ୧୯୭୫ ଏବଂ ଓଡ଼ିଶା ମୋଟର ଯାନ କର ନିୟମାବଳୀ, ୧୯୭୬ ଅନୁସାରେ ଓଡ଼ିଶା ରାଜ୍ୟରେ ବ୍ୟବହୃତ କିମ୍ବା ବ୍ୟବହାର ପାଇଁ ଥିବା ପ୍ରତ୍ୟେକ ମୋଟର ଯାନ ଉପରେ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ କର ଲାଗୁ ହୋଇଥାଏ। ଗତ ସାତ ବର୍ଷରେ ଆଦାୟ ହୋଇଥିବା ମୋଟର ଯାନ ରାଜସ୍ୱ (ଟିକସ ଏବଂ ଶୁଳ୍କ) ନିମ୍ନରେ ପ୍ରଦାନ କରାଯାଇଛି।

| ବର୍ଷ | ଲକ୍ଷ୍ୟ(କୋଟିରେ) | ସଂଗ୍ରହ(କୋଟି ଟଙ୍କାରେ) | % ସଂଗ୍ରହ | ବୃଦ୍ଧି ହାର (ପୂର୍ବ ବର୍ଷ ତୁଳନାରେ) |
|---|---|---|---|---|
| ୨୦୧୯-୨୦ | ୨,୦୨୫ | ୧,୮୯୧.୬୭ | ୯୩.୪୨% | ୭.୧୪% |
| ୨୦୨୦-୨୧ | କୋଭିଡ୍-୧୯ ଯୋଗୁଁ କୌଣସି ଲକ୍ଷ୍ୟ ନିର୍ଦ୍ଧାରିତ ହୋଇ ନଥିଲା | ୧,୫୩୪.୬୩ | -- | -୧୮.୮୭% |
| ୨୦୨୧-୨୨ | ୧,୭୬୩.୮୩ | ୧,୬୭୨.୯୫ | ୯୪.୯୫% | ୯.୦୧% |
| ୨୦୨୨-୨୩ | ୨,୦୦୭.୫୪ | ୨,୧୨୧.୧୩ | ୧୦୫.୬୬% | ୨୬.୭୯% |
| ୨୦୨୩-୨୪ | ୨,୨୩୦.୦୦ | ୨,୨୬୮ | ୧୧୦.୬୭% | ୧୬% |
| ୨୦୨୪-୨୫ | ୨,୭୨୭.୦୦ | ୨,୬୭୯.୩୩ | ୯୮% | ୧୮% |
| ୨୦୨୫-୨୬ (ଜାନୁଆରୀ ପର୍ଯ୍ୟନ୍ତ) | ୩, ୦୩୩.୬୮ | ୨,୩୪୪.୭୧ | ୭୭. ୨% | NA |

## ୪.୨ ମୋଟର ଯାନ ଟିକସ ବକେୟା ଏବଂ ରିହାତି ଯୋଜନା

ଅନେକ ମୋଟର ଯାନ ମାଲିକ ମୋଟର ଯାନ କର, ଅତିରିକ୍ତ କର ଓ ଜରିମାନା ରାଶି ସମୟରେ ପୈଠ କରୁନାହାନ୍ତି । ଏହାର ସମାଧାନ ଓ ସ୍ୱେଚ୍ଛାକୃତ ଯାନ ଆଧୁନିକୀକରଣକୁ ପ୍ରୋତ୍ସାହନ ଦେବାକୁ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଏକକାଳୀନ ଜରିମାନା ଛାଡ଼ ବ୍ୟବସ୍ଥା ପାଇଁ ରାଜ୍ୟ ସରକାରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପଦକ୍ଷେପର ଉଦ୍ଦେଶ୍ୟ ଥିଲା, ଟିକସ ଖିଲାପକାରୀଙ୍କ ଉପରୁ ଜରିମାନା ରାଶି ହ୍ରାସ କରିବା ଏବଂ ୧୫ ବର୍ଷରୁ ଉର୍ଦ୍ଧ୍ୱ ମୋଟର ଯାନର ମାଲିକଙ୍କୁ

ସ୍କ୍ରାପିଂ ପାଇଁ ଉତ୍ସାହିତ କରିବା, ଯାହା ପ୍ରଦୂଷଣ ହ୍ରାସ ଦିଗରେ ମଧ୍ୟ ସହାୟକ ହେବ। ଏହାକୁ ଦୃଷ୍ଟିରେ ରଖି ପୂର୍ବରୁ ମୋଟର ଯାନ ଟିକସ ବକେୟାରେ ରିହାତି ଯୋଜନା ସୀମିତ ଅବଧି ପାଇଁ କାର୍ଯ୍ୟକ୍ଷମ ହୋଇଥିଲା ।

| ସମସ୍ତ ବାଣିଜ୍ୟିକ ଯାନ (କୃଷିଭିତ୍ତିକ ଟ୍ରାକ୍ଟର, ଟ୍ରାକ୍ଟର ଓ ଟ୍ରେଲର ମିଶ୍ରଣ ଏବଂ ତିନିଚକିଆ ମାଲ/ଯାତ୍ରୀବାହି ଯାନ ବ୍ୟତୀତ) | | | | |
|---|---|---|---|---|
| କ୍ର. ସଂ. | ବକେୟା ଟିକସ/ଅତିରିକ୍ତ ଟିକସର ଅବଧି | ଜରିମାନା ରିହାତିର ପରିମାଣ | ଟିକସ/ଅତିରିକ୍ତ ଟିକସ ରିହାତିର ପରିମାଣ | ମନ୍ତବ୍ୟ |
| ୧ | ୦୧.୦୪.୨୦୨୦ ରୁ ୩୧.୦୩.୨୦୨୨ | ସମ୍ପୂର୍ଣ୍ଣ ରିହାତି | ରିହାତି ନାହିଁ | ଯୋଜନାରେ ଉଲ୍ଲେଖ ଥିବା ସର୍ତ୍ତାବଳୀ ଅନୁଯାୟୀ |
| ୨ | ୦୧.୦୪.୨୦୧୦ ରୁ ୩୧.୦୩.୨୦୨୦ | ସମ୍ପୂର୍ଣ୍ଣ ରିହାତି | ରିହାତି ନାହିଁ | |
| ୩ | ୦୧.୦୪.୧୯୯୨ ରୁ ୩୧.୦୩.୨୦୧୦ | ସମ୍ପୂର୍ଣ୍ଣ ରିହାତି | ୫୦% | |
| ୪ | ୩୧.୦୩.୧୯୯୨ ଏବଂ ପୂର୍ବରୁ | ସମ୍ପୂର୍ଣ୍ଣ ରିହାତି | ସମ୍ପୂର୍ଣ୍ଣ ରିହାତି | |

| କୃଷିଭିତ୍ତିକ ଟ୍ରାକ୍ଟର, ଟ୍ରାକ୍ଟର ଓ ଟ୍ରେଲର ମିଶ୍ରଣ ନିମନ୍ତେ | | | |
|---|---|---|---|
| କ୍ର. ସଂ. | ବକେୟା ଟିକସ/ଅତିରିକ୍ତ ଟିକସର ଅବଧି | ଟିକସ/ଅତିରିକ୍ତ ଟିକସ ରିହାତିର ପରିମାଣ | ମନ୍ତବ୍ୟ |
| ୧ | ୦୧.୦୪.୨୦୧୭ ରୁ ୩୧.୦୩.୨୦୨୨ | ₹୩,୦୦୦/- | ଯୋଜନାରେ ଉଲ୍ଲେଖ ଥିବା ସର୍ତ୍ତାବଳୀ ଅନୁଯାୟୀ |
| ୨ | ୦୧.୦୪.୨୦୧୦ ରୁ ୩୧.୦୩.୨୦୧୭ | ₹୫,୦୦୦/- | |
| ୩ | ୦୧.୦୪.୧୯୯୨ ରୁ ୩୧.୦୩.୨୦୧୦ | ₹୭,୦୦୦/- | |
| ୪ | ୩୧.୦୩.୧୯୯୨ ଏବଂ ପୂର୍ବରୁ | ସମ୍ପୂର୍ଣ୍ଣ ରିହାତି | |


| ତିନିଚକିଆ ମାଲ/ ଯାତ୍ରୀବାହି ଯାନ | | | |
|---|---|---|---|
| କ୍ର. ସଂ. | ବକେୟା ଟିକସ/ଅତିରିକ୍ତ ଟିକସର ଅବଧି | ଟିକସ/ଅତିରିକ୍ତ ଟିକସ ରିହାତିର ପରିମାଣ | ମନ୍ତବ୍ୟ |
| ୧ | ୦୧.୦୪.୨୦୧୭ ରୁ ୩୧.୦୩.୨୦୨୨ | ₹୧,୦୦୦/- | ଯୋଜନାରେ ଉଲ୍ଲେଖ ଥିବା ସର୍ତ୍ତାବଳୀ ଅନୁଯାୟୀ |
| ୨ | ୦୧.୦୪.୨୦୧୦ ରୁ ୩୧.୦୩.୨୦୧୭ | ₹୨,୦୦୦/- | |
| ୩ | ୦୧.୦୪.୧୯୯୨ ରୁ ୩୧.୦୩.୨୦୧୦ | ₹୩,୦୦୦/- | |
| ୪ | ୩୧.୦୩.୧୯୯୨ ଓ ତା'ପୂର୍ବରୁ | ସମ୍ପୂର୍ଣ୍ଣ ଛାଡ଼ | |

## ୪.୩. ଇ-ଚାଲାଣରେ ଏକକାଳୀନ ସମାଧାନ (OTS) ଯୋଜନା

ଅନେକ ମୋଟର ଯାନ ନିୟମ ଉଲ୍ଲଙ୍ଘନକାରୀ ଦୀର୍ଘ ଦିନ ଧରି ବକେୟା ଜରିମାନା ରାଶି ପୈଠ କରୁନାହାନ୍ତି । ଏହି ଜରିମାନା ରାଶି ଏକକାଳୀନ ପୈଠରେ ରିହାତି ପ୍ରଦାନ ପାଇଁ ସରକାର ଏକ ସୀମିତ ଅବଧିର ଯୋଜନା କାର୍ଯ୍ୟକ୍ଷମ କରିଛନ୍ତି । ଏଥିରେ ବିଜ୍ଞପିତ ୨୬ ଟି ଧାରାରେ ୩୧ ଜୁଲାଇ ୨୦୨୫ପର୍ଯ୍ୟନ୍ତ ବକେୟା ଥିବା ଜରିମାନା ରାଶି ପୈଠରେ ରିହାତି ପ୍ରଦାନ କରାଯାଇଛି । ବିଜ୍ଞପ୍ତି ପ୍ରକାଶର ୬ ମାସ ଯାଏଁ ଏହି ଯୋଜନା କାର୍ଯ୍ୟକ୍ଷମ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

## ୪.୪. ବ୍ୟକ୍ତିଗତ ଲାଇସେନ୍ସିଂ

ଶିକ୍ଷାର୍ଥୀ ଲାଇସେନ୍ସ (ଏଲଏଲ) ଓ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଜାରି ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟାକୁ ଅନଲାଇନ୍ କରାଯାଇଛି। ଆବେଦନକାରୀମାନେ ଅନଲାଇନରେ ସ୍ଲଟ୍ ବୁକ୍ କରିପାରିବେ, ଶୁଳ୍କ ଦେଇପାରିବେ ଓ ଅନଲାଇନ୍ ମାଧ୍ୟମରେ ଏଲଏଲ ଡାଉନଲୋଡ୍ କରିପାରିବେ। ଏଲଏଲ ସେବାକୁ ଭିଜିଟ୍-ଲେସ୍ କରାଯାଇଛି । ଅନଲାଇନରେ ଏଲଏଲ ପରୀକ୍ଷା ଦେଇପାରିବେ । ଆବେଦନକାରୀ ଅନୁମୋଦିତ ଡିଏଲକୁ ନିଜ ସୁବିଧା ଅନୁଯାୟୀ ଡାଉନଲୋଡ୍ କରିପାରିବେ ।




(ଗତ ସାତ (୦୭) ବର୍ଷ ମଧ୍ୟରେ ଜାରି ହୋଇଥିବା DL ଏବଂ LL)


## ୪.୫. ମୋଟର ଯାନ ପଞ୍ଜିକରଣ:

ସଡ଼କରେ ମୋଟର ଯାନ ବ୍ୟବହାର କରିବାକୁ ହେଲେ ମୋଟର ଯାନ ଆଇନ, ୧୯୮୮ ଅନୁଯାୟୀ ପଞ୍ଜିକୃତ ହେବା ଆବଶ୍ୟକ। ନିମ୍ନରେ ଗତ ସାତ ବର୍ଷରେ ଆମ ରାଜ୍ୟରେ ପଞ୍ଜିକୃତ ମୋଟର ଯାନ ସଂଖ୍ୟା ପ୍ରଦାନ କରାଯାଇଛି :

| ବର୍ଷ | ପଞ୍ଜିକୃତ ଯାନ ସଂଖ୍ୟା |
|---|---|
| ୨୦୧୯-୨୦ | ୮,୩୫,୧୪୮ |
| ୨୦୨୦-୨୧ | ୫,୫୭,୩୦୫ |
| ୨୦୨୧-୨୨ | ୫,୨୮,୮୯୮ |
| ୨୦୨୨-୨୩ | ୬,୫୪,୦୬୨ (୩୨,୩୩୦ ବୈଦ୍ୟୁତିକ ଯାନ) |
| ୨୦୨୩-୨୪ | ୭,୭୯,୫୫୧ (୫୨,୨୦୪ ବୈଦ୍ୟୁତିକ ଯାନ) |
| ୨୦୨୪-୨୫ | ୮,୦୪,୬୨୨ (୬୫,୨୫୫ ବୈଦ୍ୟୁତିକ ଯାନ) |
| ୨୦୨୫-୨୦୨୬ (ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ) | ୭,୬୨,୩୦୨ (୭୦,୯୧୦ ବୈଦ୍ୟୁତିକ ଯାନ) |

## ୪.୬. ଫିଟନେସ୍ ପ୍ରମାଣପତ୍ର ପ୍ରଦାନ

ମୋଟର ଯାନ ଆଇନ, ୧୯୮୮ର ଧାରା ୫୬ ଅନୁଯାୟୀ ପ୍ରତ୍ୟେକ ବାଣିଜ୍ୟିକ ଗାଡ଼ି ଅବସ୍ଥାପତି ଅଧିକାରୀଙ୍କଠାରୁ ଫିଟନେସ ପ୍ରମାଣପତ୍ର ପ୍ରାପ୍ତ କରିବା ଆବଶ୍ୟକ, ନଚେତ୍ ଏହାର ପଞ୍ଜିକରଣ ରଦ୍ଦ ହୋଇଯିବ । ମାନ୍ୟବର ଓଡ଼ିଶା ହାଇକାର୍ଟଙ୍କ ଆଦେଶ ଅନୁଯାୟୀ, ୧୦ ବର୍ଷରୁ ଅଧିକ ପୁରୁଣା ବସ ଗୁଡ଼ିକୁ ଫିଟନେସ ପ୍ରଦାନ କରିବା ପୂର୍ବରୁ ଉପ ପରିବହନ ଆୟୁକ୍ତ ଏବଂ ମୋଟର ଯାନ ନିରୀକ୍ଷକ (ଏମଭିଆଇ)ଙ୍କ ଦ୍ୱାରା ଯୁଗ୍ମ ପରୀକ୍ଷା କରାଯାଏ।




(ଗତ ସାତ (୦୭) ବର୍ଷ ମଧ୍ୟରେ ଜାରି ହୋଇଥିବା ଫିଟନେସ୍)

## ୪.୭.ବାଣିଜ୍ୟିକ ଯାନ ନିମନ୍ତେ ପରମିଟ୍ ପ୍ରଦାନ

ନିର୍ଦ୍ଦିଷ୍ଟ ରୁଟରେ ଅତ୍ୟଧିକ ଭିଡ଼ ହ୍ରାସ ଏବଂ ପରିବହନ ବ୍ୟବସ୍ଥାର ସାମଗ୍ରିକ ଦକ୍ଷତା ସୁନିଶ୍ଚିତ କରିବା ପାଇଁ ପରମିଟ୍ ଗୁରୁତ୍ୱପୂର୍ଣ୍ଣ। ଅପରେଟରମାନଙ୍କ ମଧ୍ୟରେ ଅସୁସ୍ଥ ପ୍ରତିଯୋଗିତାକୁ ହ୍ରାସ କରିବା ପାଇଁ, STA ବସ୍‌ଗୁଡ଼ିକର ସମୟକୁ ବ୍ୟବସ୍ଥିତ କରିବା ପାଇଁ ପଦକ୍ଷେପ ଆରମ୍ଭ କରିଛି।

- କଟକ/ଭୁବନେଶ୍ୱର-ବାଲୁଗାଁ-କେଶପୁର-ବ୍ରହ୍ମପୁର/ଆସ୍କା/ପୋଲସରା ରୁଟ୍ ପାଇଁ ଚୂଡ଼ାନ୍ତ ସଂଶୋଧିତ ବ୍ୟବସ୍ଥିତ ସମୟସାରଣୀ ୨୩ ଜୁଲାଇ ୨୦୨୫ରେ ପ୍ରକାଶିତ ହୋଇଥିଲା ଏବଂ ୧ ଅଗଷ୍ଟ ୨୦୨୫ରେ କାର୍ଯ୍ୟକାରୀ ହେବା ପାଇଁ ଧାର୍ଯ୍ୟ କରାଯାଇଥିଲା। ତେବେ, ମାନ୍ୟବର ହାଇକୋର୍ଟଙ୍କ ସମ୍ମୁଖରେ ବିଚାରାଧୀନ ମାମଲା ଯୋଗୁଁ କାର୍ଯ୍ୟକାରୀ ହେବା ବର୍ତ୍ତମାନ ସ୍ଥଗିତ ଅଛି।
- ଭଦ୍ରକ-ଚାନ୍ଦବାଲି ରୁଟ୍ ପାଇଁ ସଂଶୋଧିତ ବ୍ୟବସ୍ଥିତ ସମୟସାରଣୀ ୨୩ ଜୁଲାଇ ୨୦୨୫ରେ ପ୍ରକାଶିତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ୨୯ ଜୁଲାଇ ୨୦୨୫ରେ କାର୍ଯ୍ୟକାରୀ ହୋଇଥିଲା।
- ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼ ରୁଟ୍ ପାଇଁ ଚିଠା ସମୟସାରଣୀ ୧୭ ଜୁଲାଇ ୨୦୨୫ରେ ଜାରି କରାଯାଇଥିଲା, ତା'ପରେ ୨୨ ନଭେମ୍ବର ୨୦୨୫ରେ ଚୂଡ଼ାନ୍ତ ପ୍ରକାଶନ କରାଯାଇଥିଲା।
- ପୁରୀ ଟାଉନ୍ ବସ୍ ସେବା ପାଇଁ ଚିଠା ସମୟସାରଣୀ ୨୧ ସେପ୍ଟେମ୍ବର ୨୦୨୫ରେ ପ୍ରକାଶିତ ହୋଇଥିଲା, ଏବଂ ଚୂଡ଼ାନ୍ତ ତାଲିକା ୧୨ ଡିସେମ୍ବର ୨୦୨୫ରେ ପ୍ରକାଶିତ ହୋଇଥିଲା।

ଆର୍ଥିକ ବର୍ଷ ଅନୁଯାୟୀ ପ୍ରଦାନ କରାଯାଇଥିବା ପରମିଟ୍ ବିବରଣୀ:

| ବର୍ଷ | ସ୍ଥାୟୀ ପରମିଟ୍ ସଂଖ୍ୟା | ଅସ୍ଥାୟୀ ପରମିଟ୍ ସଂଖ୍ୟା |
|---|---|---|
| ୨୦୧୯-୨୦ | ୮୩,୨୪୮ | ୫୪,୭୧୨ |
| ୨୦୨୦-୨୧ | ୪୦,୮୯୫ | ୧୮,୦୫୩ |
| ୨୦୨୧-୨୨ | ୪୫,୯୩୭ | ୧୮,୦୭୮ |
| ୨୦୨୨-୨୩ | ୭୨,୭୧୫ | ୩୯,୭୯୩ |
| ୨୦୨୩-୨୪ | ୭୩,୦୨୩ | ୪୩,୯୫୮ |
| ୨୦୨୪-୨୫ | ୮୮,୬୪୯ | ୫୮,୭୯୫ |
| ୨୦୨୫-୨୬ (ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ) | ୬୦,୨୧୯ | ୪୪,୭୮୧ |

## ୪. ୮. ସଡ଼କ ସୁରକ୍ଷା

### ୪. ୮.୧ ଡ୍ରାଇଭିଂ ଇଲୋକ୍ଟ୍ରୋନିକ ଏନଫୋର୍ସମେଣ୍ଟ ଟୁ ସେଭ୍ ହ୍ୟୁମାନ ଲାଇଭ୍ସ:

ଦୁର୍ଘଟଣା ସଂଖ୍ୟା ହ୍ରାସ ଓ ବେପରୁଆ ଗାଡ଼ି ଚାଳକଙ୍କ ଉପରେ ନିୟନ୍ତ୍ରଣ ଲକ୍ଷ୍ୟରେ ଏନଫୋର୍ସମେଣ୍ଟ ନିୟମିତ ଭାବରେ କରାଯାଉଛି। ଏହା ସହ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କରି ରାଜ୍ୟର ପ୍ରମୁଖ ରାଜପଥ ଗୁଡିକରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (IEMS) ବା ଦିଶା ପ୍ରକଳ୍ପ କାର୍ଯ୍ୟକାରିତା କରାଯାଇଅଛି ଏବଂ ଏହାକୁ ସଂପ୍ରସାରିତ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି । ଏହା ଜରିଆରେ ବିନା ହେଲମେଟ୍, ଦ୍ରୁତଗତି, ଦୁଇ ଚକିଆରେ ଦୁଇରୁ ଅଧିକ ଯିବା ଭଳି ନିୟମ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରି ମୋଟର ଯାନ ଆଇନ ଅନୁଯାୟୀ ଇ-ଚାଲାଣ ଜାରି କରାଯାଉଛି । ୨୦୨୪-୨୫ ଆର୍ଥିକ ବର୍ଷରେ, ରଥଯାତ୍ରା ସମୟରେ ମାନ୍ୟବର ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ NH ୩୧୬ର ୬୩ କିଲୋମିଟର ଭୁବନେଶ୍ୱର-ପୁରୀ ରାସ୍ତାରେ ଦିଶା ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ଉଦଘାଟନ କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ୩ ଜୁନ୍ ୨୦୨୫ ରେ ନିମ୍ନଲିଖିତ ୦୬ ଟି ମାର୍ଗରେ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ:



- ପୁରୀ – କୋଣାର୍କ – NH ୩୧୬ A (୨୫ କି.ମି.)
- କୋଣାର୍କ – ପିପିଲି- SH-୧୩ (୪୦ କି.ମି.)
- କଟକ – ପାରାଦୀପ-NH-୫୫ (୮୩ କି.ମି.)

- ଗିରିଶୋଳାରୁ ରାମେଶ୍ୱର -NH-୧୬ (୯୧ କି.ମି.)
- ପାଣିକୋଇଲି – ଲକ୍ଷ୍ମଣନାଥ-NH-୧୬ (୧୬୩ କି.ମି.)
- ବଲାଙ୍ଗିର – ତୁର୍କେଲା- SH-୪୨ (୮୩ କି.ମି.)

DEESHA I ଏବଂ II ଆଠଟି ମାର୍ଗରେ ୬୮୮ କି. ମିରେ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ, ଯାହା ଏନଫୋର୍ସମେଣ୍ଟକୁ ବୃଦ୍ଧି କରୁଛି। ବେପରୁଆ ଗାଡ଼ି ଚାଳାକଙ୍କ ଉପରେ ନିୟନ୍ତ୍ରଣ ପାଇଁ ଏହାକୁ ସଂପ୍ରସାରିତ କରାଯାଉଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ନିମ୍ନଲିଖିତ ୦୯ଟି ସ୍ଥାନ ନିମନ୍ତେ ଶିଳାନ୍ୟାସ କରିଛନ୍ତି:

- ବ୍ରହ୍ମପୁର – ତପ୍ତପାଣି (NH ୩୨୬) /SH-୧୭– ୫୨ କିଲୋମିଟର
- ବ୍ରହ୍ମପୁର – ଭଞ୍ଜନଗର (NH ୫୯ ଏବଂ ୧୫୭) – ୮୦ କିଲୋମିଟର
- ସମ୍ବଲପୁରରୁ ମଙ୍ଗୁଳି (NH ୫୫) – ୨୫୭ କିଲୋମିଟର
- ଦୈତାରୀରୁ ଚଣ୍ଡିଖୋଲ-NH ୨୦୦/ NH ୭୨୦-୫୪ କି.ମି
- ବଡବିଲରୁ ପାଣିକୋଇଲି (NH ୨୦) – ୨୦୦ କିଲୋମିଟର
- ପିତିରିରୁ ପାଲଲହଡ଼ା (NH ୧୪୯) – ୬୪ କିଲୋମିଟର
- ସମ୍ବଲପୁରରୁ ରାଉରକେଲା ଏକ୍ସପ୍ରେସ ୱେ (SH - ୧୦)- ୧୮୦ କିଲୋମିଟର
- କୁଜଙ୍ଗରୁ ଭୁତମୁଣ୍ଡେଇ (SH ୧୨)- ୨୦ କିଲୋମିଟର
- ସୋହେଲାରୁ ନୂଆପଡ଼ା (SH-୩)- ୧୨୦ କିଲୋମିଟର

### ୪.୮.୨. ଇ-ଡିଟେକ୍ସନ୍

ଜାତୀୟ ରାଜପଥର ଟୋଲ୍ ଗେଟ୍‌ରେ ଇ-ଡିଟେକ୍ସନ୍ ସିଷ୍ଟମ୍ ମାଧ୍ୟମରେ ଟ୍ୟାକ୍ସ, ପରମିଟ୍ ଏବଂ ଫିଟନେସ୍ ବିନା ଚଳାଚଳ କରୁଥିବା ଯାନବାହାନ ବିରୁଦ୍ଧରେ ଇ-ଚାଲାଣ ସ୍ୱୟଂଚାଳିତ ଭାବରେ ଜାରି ହୁଏ। ଏଥିରେ ବୀମା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଆର୍ଥିକ ବର୍ଷ ୨୦୨୫-୨୬ରେ (ଜାନୁଆରୀ ସୁଦ୍ଧା) ଇ-ଡିଟେକ୍ସନ୍ ସିଷ୍ଟମ୍ ମାଧ୍ୟମରେ ୩,୯୫,୯୩୩ ଯାନବାହାନକୁ ପରମିଟ୍, ଫିଟନେସ୍ ଏବଂ ଟ୍ୟାକ୍ସ ବିନା ଚଳାଚଳ କରୁଥିବା ଚିହ୍ନଟ କରାଯାଇଥିଲା।

### ୪.୮.୩ ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା ବ୍ୟବସ୍ଥା (ADTS)

ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ମାନବୀୟ ହସ୍ତକ୍ଷେପ ମୁକ୍ତ କରି ସ୍ୱୟଂକ୍ରିୟ ଯାନ ଚାଳନା ପରୀକ୍ଷା ବ୍ୟବସ୍ଥା ବା ADTS ୧୯ ଗୋଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯାଇଛି ଏବଂ ଖୁବ ଶୀଘ୍ର ଅନ୍ୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ (୧୯ ଗୋଟି) କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି । ADTS କାର୍ଯ୍ୟକ୍ଷମ ହୋଇଥିବା ୧୯ଟି ସ୍ଥାନ ହେଉଛି-ରାଉରକେଲା, ସୁନ୍ଦରଗଡ଼, ଢେଙ୍କାନାଳ, ଅନୁଗୁଳ, ଗଞ୍ଜାମ, କେନ୍ଦୁଝର, ସୋନପୁର, ଚଣ୍ଡିଖୋଲ, କଳାହାଣ୍ଡି, ଭଞ୍ଜନଗର, ରାଇରଙ୍ଗପୁର, ମୟୂରଭଞ୍ଜ, ଦେବଗଡ଼, ଫୁଲବାଣୀ, ତାଳଚେର, ମାଲକାନଗିରି, ନୟାଗଡ଼, ବଲାଙ୍ଗିର ଓ ନବରଙ୍ଗପୁର ।



### ୪.୮.୪.ସ୍ୱୟଂକ୍ରିୟ ଯାନ ପରୀକ୍ଷଣ କେନ୍ଦ୍ର (ATS)

ଗାଡ଼ିର ଫିଟନେସ୍ ଯାଞ୍ଚ ପଦ୍ଧତିକୁ ପାରଦର୍ଶୀ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ମୋଟରଯାନ ଆଇନର ମାନଦଣ୍ଡ ଅନୁଯାୟୀ ଯାନ ଗୁଡିକର ଫିଟନେସ୍ ଯାଞ୍ଚ ପ୍ରକ୍ରିୟାରେ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି କଟକଠାରେ ସ୍ୱୟଂଚାଳିତ ଯାନ ପରୀକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇଛି । ଏହା ସହ ଆହୁରି ୨୧ ଟି ସ୍ଥାନରେ ସ୍ୱୟଂଚାଳିତ ଯାନ ପରୀକ୍ଷଣ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି। ସେଗୁଡିକ ହେଉଛି - ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଭୁବନେଶ୍ୱର-୨, ବୌଦ୍ଧ, କେନ୍ଦୁଝର, ରାଉରକେଲା, ନୟାଗଡ଼, କଟକ(ଅନ୍ୟ ଏକ), ସମ୍ବଲପୁର, ନବରଙ୍ଗପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଗଞ୍ଜାମ, ବରଗଡ଼, ଅନୁଗୁଳ, କୋରାପୁଟ, ଜଗତସିଂହପୁର, ନୂଆପଡ଼ା, କଳାହାଣ୍ଡି ଓ ଚଣ୍ଡିଖୋଲ ।



### ୪.୮.୫.ପଞ୍ଜିକୃତ ଯାନ ସ୍କ୍ରାପିଂ ସୁବିଧା (RVSF)



ପରିବେଶ ସୁରକ୍ଷା ଓ ସଡ଼କରେ ଭଲ ମାନର ଗାଡ଼ି ସୁନିଶ୍ଚିତ କରିବା ପାଇଁ ଆମ ରାଜ୍ୟରେ ଖୋର୍ଦ୍ଧା ଓ ଯାଜପୁରରେ ପଞ୍ଜିକୃତ ଯାନ ସ୍କ୍ରାପିଂ କେନ୍ଦ୍ର ସ୍ଥାପନା ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଜାନୁଆରୀ ପର୍ଯ୍ୟନ୍ତ ୨,୪୫୬ ଯାନକୁ ସ୍କ୍ରାପ୍ କରାଯାଇଛି।

### ୪.୮.୬. ଶୂନ ଦୁର୍ଘଟଣା ଦିବସ (ZAD)




ଭୁବନେଶ୍ୱରରେ ୩ ଜୁନ୍ ୨୦୨୫ ରେ 'ଶୂନ ଦୁର୍ଘଟଣା ଦିବସ'(ZAD) ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦଘାଟନ ହୋଇଥିଲା । ଏହା ଜୁନ୍ ୨୮, ୨୦୨୫ ପର୍ଯ୍ୟନ୍ତ ଚାଲିଥିଲା। ଏହି ଅଭିଯାନକୁ ସଫଳ କରିବା ପାଇଁ ପୋଲିସ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନଗର ଉନ୍ନୟନ ବିଭାଗ ସାମିଲ ହୋଇଥିଲେ। ଏଥିସହ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍କୁଲ, କଲେଜ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହାକୁ ସମର୍ଥନ କରି ଏହି ଅଭିଯାନରେ ନିଜର ସହଭାଗିତା ପ୍ରଦର୍ଶନ କରିଥିଲେ । ଭୁବନେଶ୍ୱରରେ ZAD ସଫଳତାକୁ ଦେଖି ୧୩ ସେପ୍ଟେମ୍ବରରୁ ୨୫ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ କେନ୍ଦୁଝରରେ ZAD ପାଳନ କରାଯାଇଥିଲା।

### ୪.୮.୭. ଶୂନ ମୃତାହତ ପକ୍ଷ



୨୦୨୫ ନଭେମ୍ବର ୧୬ ରୁ ୩୦ ପର୍ଯ୍ୟନ୍ତ 'ଶୂନ ମୃତାହତ ପକ୍ଷ' ପାଳନ କରାଯାଇଥିଲା, ଏହି ସମୟରେ ମୋଟର ଯାନ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ବ୍ଲାକସ୍ପଟ୍ ସଂଶୋଧନ, ରେଟ୍ରୋ-ରିଫ୍ଲେକ୍ଟିଭ୍ ସାଇନେଜ୍ ସ୍ଥାପନ, ସ୍କୁଲ ଏବଂ କଲେଜଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମକୁ ବିଶେଷ ଗୁରୁତ୍ୱ ଦିଆଯାଇ ଲୋକଙ୍କୁ ସଚେତନ କରିବାକୁ ପ୍ରଚେଷ୍ଟା କରାଯାଇଥିଲା। ରାତିରେ ଯାତ୍ରା କରୁଥିବା ଗାଡ଼ି ଚାଳକଙ୍କ ପାଇଁ ମାଗଣା ଚା' ବଣ୍ଟନ କାର୍ଯ୍ୟକ୍ରମ ମଧ

ହୋଇଥିଲା । କଡ଼ା ଏନଫୋର୍ସମେଣ୍ଟ ଏବଂ ସଚେତନତା କାର୍ଯ୍ୟକ୍ରମ ବୃଦ୍ଧି ପାଇଁ ୨୦୨୪ ମସିହା ତୁଳନାରେ ୨୦୨୫ରେ ସଡ଼କ ଦୁର୍ଘଟଣା ୧୧% ହ୍ରାସ ପାଇଛି ଏବଂ ମୃତ୍ୟୁହାର ୩୩.୫% ହ୍ରାସ ପାଇଛି।

### ୪.୮.୮.ଜାତୀୟ ସଡ଼କ ସୁରକ୍ଷା ମାସ



୨୦୨୬ ଜାନୁଆରୀ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଥିଲା। ଚଳିତ ବର୍ଷର ବିଷୟବସ୍ତୁ ଥିଲା, "ଶିଖ୍ ସେ ସୁରକ୍ଷା, ଟେକ୍ନୋଲୋଜି ସେ ପରିବର୍ତ୍ତନ"। ସଡ଼କ ଦୁର୍ଘଟଣା ହ୍ରାସ କରିବା ଲକ୍ଷ୍ୟରେ ଜାତୀୟ ସଡ଼କ ସୁରକ୍ଷା ମାସରେ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ ସହ ଏନଫୋର୍ସମେଣ୍ଟକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଜାତୀୟ ସଡ଼କ ସୁରକ୍ଷା ମାସରେ ଶିକ୍ଷାନୁଷ୍ଠାନରେ ଛାତ୍ର ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସଡ଼କ ସୁରକ୍ଷାର ସମସ୍ତ ନିୟମ ପାଳନକୁ ପ୍ରାଧାନ୍ୟ ଦିଆଯାଉଛି। ଜାତୀୟ ସଡ଼କ ସୁରକ୍ଷା ମାସରେ 'ବିଦ୍ୟାଳୟ ଅଞ୍ଚଳ ସୁରକ୍ଷା ରେଟିଂ'ର ଶୁଭାରମ୍ଭ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ କ୍ୟାପିଟାଲ୍ ହାଇସ୍କୁଲ୍ ଏବଂ ଭାବଗ୍ରାହୀ ଆଦର୍ଶ ଦୃଷ୍ଟିବାଧିତ ବିଦ୍ୟାଳୟ ଏଥିରେ ସାମିଲ୍ ହୋଇଛି। ଆଗକୁ ସମସ୍ତ ଶିକ୍ଷାନୁଷ୍ଠାନ ଏଥିରେ ସାମିଲ୍ ହେବେ ବୋଲି ଲକ୍ଷ୍ୟ ରଖାଯାଇଛି । ଏଥିସହ ସଡ଼କ ସୁରକ୍ଷାକୁ ସୁଶାସନର ଏକ ଅଂଶ କରାଯାଉଛି । କେଉଁ ଜିଲ୍ଲା ସଡକ ସୁରକ୍ଷା ଦିଗରେ କିଭଳି କାର୍ଯ୍ୟ କରୁଛି ସେଥିପାଇଁ ରେଟିଂ ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ଜିଲ୍ଲା କେତେ ସଫଳତାର ସହିତ ସଡ଼କ ସୁରକ୍ଷା ପରିଚାଳନା କରୁଛି ୧୦୦ ମାର୍କରୁ ନମ୍ବର ଦିଆଯିବ । ଶ୍ରେଷ୍ଠ ଜିଲ୍ଲାମାନଙ୍କୁ ପୁରସ୍କୃତ କରାଯିବ। ସଡ଼କ ସୁରକ୍ଷା ମାସ ଅବସରରେ ବିଭିନ୍ନ ଆରଟିଓ ମାନଙ୍କ ଦ୍ୱାରା ଶିକ୍ଷାନୁଷ୍ଠାନରେ




ସଚେତନମୂଳକ କାର୍ଯ୍ୟକ୍ରମ, ନିଶୁଃଳ୍କ ଚକ୍ଷୁ ପରୀକ୍ଷା, ପଥପ୍ରାନ୍ତ ନାଟକ, ସଚେତନତା ରାଲି ପରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଶାର ସୁରକ୍ଷିତ ସଡ଼କ ଡିଜାଇନିଂ ପାଇଁ ଇଞ୍ଜିନିୟରଙ୍କ ତିନି ଦିନିଆ ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ ହୋଇଥିଲା।






୪.୮.୯. ବିଦ୍ୟାଳୟ ଅଞ୍ଚଳ ସୁରକ୍ଷା ରେଟିଂ



ଭବିଷ୍ୟତ ପିଢ଼ିଙ୍କ ସୁରକ୍ଷାକୁ ନେଇ ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର ପ୍ରାଥମିକତା ଦେଇଛନ୍ତି। ସ୍କୁଲ ଜୋନ୍ ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ଆରମ୍ଭ ହୋଇଛି 'ବିଦ୍ୟାଳୟ ଅଞ୍ଚଳ ସୁରକ୍ଷା ରେଟିଂ' । ସ୍କୁଲ ଜୋନ୍ ନିକଟରେ ସଡ଼କ ସୁରକ୍ଷା ମାନଦଣ୍ଡର ଅନୁପାଳନ ସୁନିଶ୍ଚିତ କରିବା ଏବଂ ଦୁର୍ଘଟଣା ହ୍ରାସ କରିବା ଲକ୍ଷ୍ୟରେ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ସଡ଼କ ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ସହ ଜଡିତ ୨୦ଟି ପଏଣ୍ଟ ନେଇ ମୂଲ୍ୟାଙ୍କନ ହେବ ଏବଂ ସେହି ଆଧାରରେ ସ୍କୁଲକୁ ୫ ଷ୍ଟାର ପର୍ଯ୍ୟନ୍ତ ମାର୍କିଂର ବ୍ୟବସ୍ଥା ରହିଛି । ଯେଉଁ ସ୍କୁଲ ସଡ଼କ ସୁରକ୍ଷା ନିୟମ ପାଳନକୁ ପ୍ରାଧାନ୍ୟ ଦେଉଥିବେ, ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ଦିଗରେ ସଚେତନ କରାଉଥିବେ ସେହି ଆଧାରରେ ତାଙ୍କୁ ଷ୍ଟାର ବା ମାର୍କ ମିଳିବ । ପାଇଲଟ୍ ପ୍ରୋଜେକ୍ଟ ଭାବେ ଭୁବନେଶ୍ୱରର କ୍ୟାପିଟାଲ୍ ହାଇସ୍କୁଲ୍ ଏବଂ ଭାବଗ୍ରାହୀ ଆଦର୍ଶ ଦୃଷ୍ଟିବାଧିତ



ବିଦ୍ୟାଳୟକୁ ନିଆଯାଇଥିଲା। ଆଗାମୀ ଦିନରେ ରାଜ୍ୟରେ ଅନ୍ୟ ସମସ୍ତ ସ୍କୁଲକୁ ଏଥିରେ ସାମିଲ୍ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

### ୪.୮.୧୦. ବୈଦ୍ୟୁତିକ ଯାନ




ପରିବହନରେ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ବୈଦ୍ୟୁତିକ ଯାନ (ଇଭି) କ୍ରେତାଙ୍କୁ ପ୍ରୋତ୍ସାହିତ କରିବାକୁ ବୈଦ୍ୟୁତିକ ଯାନ କ୍ରୟରେ ସରକାରଙ୍କ ଦ୍ୱାରା ସବସିଡି ପ୍ରଦାନ କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ୧୫ ଜାନୁଆରୀ ୨୦୨୬ ସୁଦ୍ଧା ୫୮,୩୧୬ ବୈଦ୍ୟୁତିକ ଯାନ ବାବଦରେ ସରକାର ୧୫୫ କୋଟି ୮୨ ଲକ୍ଷ ଟଙ୍କା ସବସିଡି ପ୍ରଦାନ କରିଛନ୍ତି। ଏହି ପ୍ରୋତ୍ସାହନକୁ ଆହୁରି ଆଗକୁ ନେବାକୁ ନୂତନ ବୈଦ୍ୟୁତିକ ଯାନ ନୀତି ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଆମର Online EV subsidy Portal ଦେଶରେ ଏକ ଅଗ୍ରଣୀ ବ୍ୟବସ୍ଥା ଭାବେ ବିବେଚିତ ହେଉଛି ଏବଂ ଅନେକ ରାଜ୍ୟ ଅନୁସରଣ କରୁଛନ୍ତି। ରାଜ୍ୟରେ ସୁଗମ ଏବଂ ସୁବିଧାଜନକ ଇଭି-ଚାର୍ଜିଂ ନେଟୱାର୍କ ବିକାଶ କରିବା ଉଦ୍ଦେଶ୍ୟରେ ସାରା ଓଡ଼ିଶାରେ ପ୍ରାୟ ୧୦୦ଟି ଇଲେକ୍ଟ୍ରିକ୍ ଯାନ (ଇଭି) ଚାର୍ଜିଂ ଷ୍ଟେସନ୍ ସ୍ଥାପନ କରିବାକୁ ପ୍ରୟାସ ଆରମ୍ଭ କରାଯାଇଛି, ଯେଉଁଥିରେ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ), ଟ୍ରକ୍ ଟର୍ମିନାଲ ଏବଂ ପ୍ରମୁଖ ରାଜପଥ ଅନ୍ତର୍ଭୁକ୍ତ । ବର୍ତ୍ତମାନ, ଭୁବନେଶ୍ୱରରେ ୧୫ଟି ଇଭି ଚାର୍ଜିଂ ଷ୍ଟେସନ୍ କାର୍ଯ୍ୟକ୍ଷମ ହୋଇସାରିଛି ।

### ୪.୮.୧୧. ସୁବାହକ ସୁବିଧା

ଦୀର୍ଘ ସମୟ ଧରି ଗାଡ଼ି ଚଳାଇବା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ଅଧିକ ସମୟ ଗାଡ଼ି ଚଳାଇବା ଦ୍ୱାରା ଥକ୍କାପଣ, ନିଦ୍ରାହୀନତା ଏବଂ ପଥ ସମ୍ମୋହନର ଶିକାର ହୁଅନ୍ତି ଗାଡ଼ି ଚାଳକ । ଏହାର ସମାଧାନ ପାଇଁ, ଓଡ଼ିଶା ସରକାର ଷ୍ଟେଜ୍ କ୍ୟାରେଜ୍, କଣ୍ଟ୍ରାକ୍ଟ ବଗି, ସ୍କୁଲ ବସ୍ ଏବଂ ଘରୋଇ ସେବା ଯାନ (PSV) ସମେତ ସମସ୍ତ ବସ୍‌ରେ ଜନସାଧାରଣଙ୍କ ସୁରକ୍ଷା ବୃଦ୍ଧି ଏବଂ ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ 'ସୁବାହକ ସୁବିଧା' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଗାଡ଼ି ଚାଳକଙ୍କ ଥକ୍କାପଣ ମନିଟରିଂ ସିଷ୍ଟମ୍ (DFMS) ଏବଂ ମଦ୍ୟପାନ ଚିହ୍ନଟ ଡିଭାଇସ୍ ସ୍ଥାପନ କରିବାକୁ ବାଧ୍ୟତାମୂଳକ କରାଯିବ। ଇଣ୍ଟେଲିଜେଣ୍ଟ ସେନ୍ସର ଏବଂ ବିଶ୍ଳେଷଣ ପାଇଁ ଏକ ଡାସବୋର୍ଡ ମାଧ୍ୟମରେ ପ୍ରକୃତ ସମୟ ମନିଟରିଂ, ପ୍ରଭାବଶାଳୀ ତଦାରଖ ଏବଂ ଉନ୍ନତ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ଦ୍ୱାର ସୁବାହକ ସୁବିଧା କିଟ୍ ପ୍ରଦାନ କରାଯାଇଛି।


### ୪. ୮.୧୨. ଟ୍ରକ୍ ଟର୍ମିନାଲ

ରାଜପଥରେ ବେଆଇନ ଯାନ ପାର୍କିଂ ଯୋଗୁଁ ଘଟୁଥିବା ଦୁର୍ଘଟଣା ହ୍ରାସ କରିବା ଉଦ୍ଦେଶ୍ୟରେ ୨୪ଟି ଟ୍ରକ ଟର୍ମିନାଲ ନିର୍ମାଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଚାଳକଙ୍କୁ ସୁରକ୍ଷିତ ପାର୍କିଂ , ବିଶ୍ରାମ ସୁବିଧା ଓ ଅନ୍ୟାନ୍ୟ ଆବଶ୍ୟକୀୟ ମୌଳିକ ସୁବିଧା ପ୍ରଦାନ କରିବ । ଟ୍ରକ ଟର୍ମିନାଲ୍ ନିର୍ମାଣ ହେଉଥିବା ୨୪ଟି ସ୍ଥାନ ହେଉଛି-ଗଞ୍ଜାମର ଗିରିଶୋଳା, ଅନୁଗୁଳର କତଡ଼ା, ସମ୍ବଲପୁରର ପତ୍ରପଲ୍ଲି, କେନ୍ଦ୍ରାପଡ଼ା, କଳାହାଣ୍ଡିର ତଳଜିରାଙ୍ଗ, ଖୋର୍ଦ୍ଧାର କୁହୁଡ଼ି ଓ ଗୋଡ଼ିଆପଦା, ବାଲେଶ୍ୱରର ଲକ୍ଷ୍ମଣନାଥ, ସୁନ୍ଦରଗଡ଼ର କୁଆଁରମୁଣ୍ଡା, ସମ୍ବଲପୁରର ଚାରମାଳ, ବରଗଡ଼ର ପାଣ୍ଡିକିପଲ୍ଲୀ, ଦେବଗଡ଼ର ତୁରିଆବାହଲ, ନୂଆପଡ଼ାର ଧର୍ମପୁରୀ, ବୌଦ୍ଧର ବୁର୍କତା, ମାଲକାନଗିରିର ପୋତାଖାଲ, ମୟୂରଭଞ୍ଜର କୁସୁମି, ସୁନ୍ଦରଗଡ଼ର ବାଲୁଘାଟ,

ବାଲେଶ୍ୱରର ରେମୁଣା, ଯାଜପୁରର ଛତିଆ, ସମ୍ବଲପୁରର ପାଣ୍ଡଲୋଇ, ଝାରସୁଗୁଡ଼ାର ପାଣ୍ଡୁରିପତ୍ର, ସୁନ୍ଦରଗଡ଼ର ବେଦବାହାଲ, ଫୁଲବାଣୀର କଳିଙ୍ଗା ଏବଂ ଜଗତସିଂହପୁର।

### ୪. ୮.୧୩. ଘାଟି ରାସ୍ତାରେ ସତର୍କ ସୂଚନା ଘଣ୍ଟି

ଘାଟି ରାସ୍ତାରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି । IIT Bhubaneswar ସହଭାଗିତାରେ କଳିଙ୍ଗା ଘାଟିରେ ଉଭୟ ପାର୍ଶ୍ୱରେ ସତର୍କ ଘଣ୍ଟି ଲଗାଯାଇଛି । ଆଧୁନିକ ଜ୍ଞାନକୌଶଳ ସହାୟତାରେ ଏହାକୁ ଏମିତି ପ୍ରସ୍ତୁତ କରାଯାଇଛି, ଯଦି କୌଣସି ପାର୍ଶ୍ୱରୁ ଗାଡ଼ି ଆସୁଥିବ, ତେବେ ଅପରପାର୍ଶ୍ୱ ଗାଡ଼ିକୁ ଏହା ସତର୍କ ଘଣ୍ଟି ଜରିଆରେ ସୂଚିତ କରିବ । ଏହାଦ୍ୱାରା ଚାଳକ ସତର୍କ ହେବେ ଏବଂ ଦୁର୍ଘଟଣା ହ୍ରାସ ହେବ । ଆଗକୁ ରାଜ୍ୟର ଅନ୍ୟ ଘାଟି ରାସ୍ତାରେ ମଧ ଏହା ପ୍ରୟୋଗ କରିବାକୁ ଲକ୍ଷ୍ୟ ରଖାଯାଇଛି ।



### ୪. ୮.୧୪. ଯାନ ଚାଳନା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ (IDTR)



ରାଜ୍ୟରେ ଏବେ ଚାରିଟି ଯାନ ଚାଳନା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ (ଆଇଡିଟିଆର) କାର୍ଯ୍ୟ କରୁଅଛି । ସୁବାହକ ପ୍ରଶିକ୍ଷଣ ମାଧ୍ୟମରେ ତାଲିମ ସହ ରହିବା, ଖାଇବାର ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି। ସଡ଼କ ସୁରକ୍ଷାକୁ ସଶକ୍ତ କରିବାକୁ ଦକ୍ଷ ଗାଡ଼ି ଚାଳକ ସୃଷ୍ଟି କରାଯାଉଛି । ଏହାସହ ସେମାନଙ୍କ ପାଇଁ ରୋଜଗାର ସମ୍ଭାବନା ଉପରେ ଧ୍ୟାନ ଦିଆଯାଇଛି । ଜାନୁଆରୀ ୨୦୨୬ ସୁଦ୍ଧା, ୯୦,୦୦୦ରୁ ଅଧିକ ଗାଡ଼ି ଚାଳକ ସଫଳତାର ସହିତ ଫ୍ରେସର ଏବଂ ରିଫ୍ରେସର ପାଠ୍ୟକ୍ରମ ସମାପ୍ତ କରିଛନ୍ତି ଏବଂ ୬,୯୦୦ ଜଣ କ୍ୟାମ୍ପସ ପ୍ଲେସମେଣ୍ଟ ଜରିଆରେ ନିଯୁକ୍ତି ପାଇଛନ୍ତି। ସରକାର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ଅନୁଗୁଳ, ସମ୍ବଲପୁର ଏବଂ କୋରାପୁଟ ଠାରେ ତିନିଟି ନୂଆ ଆଇଡିଟିଆର ଓ ଭୁବନେଶ୍ୱର, କଳାହାଣ୍ଡି ଏବଂ ବରଗଡ଼ରେ ଆରଡିଟିସି (Regional Driving Training Center) ସ୍ଥାପନା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

### ୪.୮.୧୫. ଆତ୍ମନିର୍ଭର ମହିଳା ସୁବାହକ(ଆମ ସୁବାହକ):

ସରକାରଙ୍କ ସହଯୋଗରେ ମହିଳା ଗାଡ଼ି ଚାଳକଙ୍କୁ ଗାଡ଼ି ମାଲିକ କରାଇ ଆର୍ଥିକ ସ୍ୱାବଲମ୍ବୀ କରିବା ଏହି ଯୋଜନାର ଲକ୍ଷ୍ୟ । ଆମ ସୁବାହକ ପଦକ୍ଷେପର ମୁଖ୍ୟ ସୁବିଧା ଗୁଡିକ ହେଲା- ଟ୍ୟାକ୍ସି କ୍ରୟ ପାଇଁ ସର୍ବାଧିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ସହାୟତାରେ ସୁଧମୁକ୍ତ ଋଣ, ଯାନ ଚାଳନା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନରେ ସଂପୂର୍ଣ୍ଣ ସରକାରୀ ଖର୍ଚ୍ଚରେ ବିଶ୍ୱସ୍ତରୀୟ ତାଲିମ ପ୍ରଦାନ, ସୁରକ୍ଷିତ ଗାଡ଼ି ଚାଳନା  ଓ ଗ୍ରାହକ ସେବା ସମ୍ପର୍କିତ କୌଶଳ ବିକାଶ, ଆତ୍ମନିର୍ଭରତା, ସମ୍ମାନ ଓ ସ୍ଥିର ଆୟ ପାଇଁ ଏକ ନିର୍ଭରଯୋଗ୍ୟ ସୁଯୋଗ।

### ୪.୮.୧୬. ଓଡ଼ିଶା ମୋଟର ପରିବହନ ଡ୍ରାଇଭର ଏବଂ ଶ୍ରମିକ କଲ୍ୟାଣ ବୋର୍ଡ

ଅଣସଂଗଠିତ ମୋଟର ପରିବହନ ଚାଳକ ଓ କର୍ମଚାରୀଙ୍କ ବିକାଶ କରିବା ଉଦ୍ଦେଶ୍ୟରେ ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡ କାର୍ଯ୍ୟ କରୁଅଛି । ଏଥିପାଇଁ ୬୩ କୋଟି ଟଙ୍କାର ଏକ କର୍ପସ ଫଣ୍ଡ ଗଠନ କରାଯାଇଛି । ମୃତ୍ୟୁ, ଗୁରୁତର ଆହତ, ସ୍ଥାୟୀ ଅକ୍ଷମତା ଇତ୍ୟାଦି କ୍ଷେତ୍ରରେ ବୋର୍ଡର ସଦସ୍ୟ ସୁବିଧା ପାଇପାରିବେ। ଏପ୍ରିଲ ୨୦୨୫ ରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ, ୨୧୧ ଦାବି ଆବେଦନକୁ ବିଚାର କରାଯାଇ ₹୩.୩୭କୋଟି କ୍ଷତିପୂରଣ ପ୍ରଦାନ କରାଯାଇଛି।

# ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି)

୪

## ୫. ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସଆରଟିସି)

### ୫.୧. ନିଗମ ବିଷୟରେ

- ରାଜ୍ୟ ଏବଂ ରାଜ୍ୟ ବାହାରେ ନିରାପଦ ଏବଂ ନିଶ୍ଚିତ ସାର୍ବଜନୀନ ପରିବହନ ସୁବିଧା ଯୋଗାଇବା ନିଗମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ।
- ଏହି ନିଗମ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଅଂଶଧନ ପୁଞ୍ଜି ଅବଦାନକୁ ୨:୧ ଅନୁପାତରେ ନେଇ କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ, କେନ୍ଦ୍ର ସରକାର ୧୯୯୦-୯୧ ରୁ ଅଂଶଧନ ପୁଞ୍ଜି ଅବଦାନ ବନ୍ଦ କରିଦେଇଥିଲେ।
- ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ହେଉଛି ଓଡ଼ିଶାର ଏକମାତ୍ର ରାଜ୍ୟ ପରିବହନ ସଂସ୍ଥା (ଏସଟିୟୁ) ଯାହା ରାଜ୍ୟର ଅପହଞ୍ଚ ଏବଂ ବାମପନ୍ଥୀ ଉଗ୍ରବାଦ (LWE) ଅଞ୍ଚଳର ଲୋକମାନଙ୍କୁ ପରିବହନ ସେବା ଯୋଗାଇଥାଏ।
- ଏହା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମାଜର ବିଭିନ୍ନ ଗୋଷ୍ଠୀ ଯେପରିକି ଭିନ୍ନକ୍ଷମ ବ୍ୟକ୍ତି (ପିଡବ୍ଲୁଡି), ଛାତ୍ର ଏବଂ ମହିଳାମାନଙ୍କୁ ରିହାତି ମୂଲ୍ୟରେ ଯାତ୍ରା ଭଡା ପ୍ରଦାନ କରେ। ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ଆବଶ୍ୟକତା ଅନୁସାରେ ପୋଲିସ କର୍ମଚାରୀମାନଙ୍କୁ ପରିବହନ ସୁବିଧା ମଧ୍ୟ ପ୍ରଦାନ କରେ।

### ୫.୨. ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମବିଏସ)

- ଓଡ଼ିଶା ସରକାର "ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମବିଏସ)" ଯୋଜନା ଆରମ୍ଭ କରିଛନ୍ତି ଯାହା ଦ୍ୱାରା ଓଡ଼ିଶା ଏବଂ ଓଡ଼ିଶା ବାହାରେ ସାଧାରଣ ପରିବହନ ବ୍ୟବସ୍ଥାର ପୁନଃନିର୍ମାଣ, ପୁନଃଉଦ୍ୟୋଗୀକରଣ ଏବଂ ଆନ୍ତଃ-ଜିଲ୍ଲା, ଆନ୍ତଃ-ଜିଲ୍ଲା ଏବଂ ଆନ୍ତଃ-ରାଜ୍ୟ ସଂଯୋଗୀକରଣ ମାଧ୍ୟମରେ ଏକ ସୁଗମ, ସୁଲଭ ଏବଂ ଅନ୍ତର୍ଭୁକ୍ତିମୂଳକ ବସ୍ ସେବା ପ୍ରଦାନ କରାଯାଇଛି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ସାଧାରଣ ପରିବହନ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ପରିକଳ୍ପନା କରାଯାଇଛି, ଯାହା ଦ୍ୱାରା ସମସ୍ତ ଗ୍ରାମ ପଞ୍ଚାୟତକୁ ସଂଯୋଗ କରି ସୁଗମତା, ସୁରକ୍ଷା ଏବଂ ସେବା ଦକ୍ଷତାକୁ ଆଗକୁ ବଢା ଯାଇପାରିବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଗ୍ରାମୀଣ-ସହରାଞ୍ଚଳ ବିଭେଦକୁ ଦୂର କରିବା, ବଜାର, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପାଇଁ ସମାନ ପ୍ରବେଶ ସୁନିଶ୍ଚିତ କରିବା, ମହିଳା ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେବା। ସରକାରୀ-ବେସରକାରୀ ସହଭାଗୀତାକୁ ପ୍ରୋତ୍ସାହିତ କରି ଏବଂ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ପ୍ରାଥମିକତା ଦେଇ, ଏମବିଏସ କେବଳ ପର୍ଯ୍ୟଟନ ଏବଂ ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରେ ନାହିଁ ବରଂ ଏକ ଅନ୍ତର୍ଭୁକ୍ତ ଏବଂ ପରସ୍ପର ସଂଯୁକ୍ତ





ସାମୁଦାୟିକ ସେବାବଳୟ ଗଠନ କରିଥାଏ। ଏହି ଯୋଜନା ମାଧ୍ୟମରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦେଇ ୩୭,୦୦୦+ ନିଯୁକ୍ତି ସୃଷ୍ଟି କରିବାକୁ ସ୍ଥିର ହୋଇଛି।

- ଏହି ଯୋଜନା ରାଜ୍ୟ ଏବଂ ଏହାର ଚତୁଃପାର୍ଶ୍ୱରେ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବା କଭରେଜ ବୃଦ୍ଧି ଏବଂ ଏକ ଅନ୍ତର୍ଭୁକ୍ତ, ସୁଗମ ଏବଂ ସ୍ଥାୟୀ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଏ। ଏହା ସହିତ, ଏହା ବିଶେଷକରି ଅନୁନ୍ନତ ଗ୍ରାମୀଣ ଏବଂ ଆଦିବାସୀ ଅଞ୍ଚଳ ପାଇଁ ସମାନ ଗତିଶୀଳତା ସୁନିଶ୍ଚିତ କରେ।
- ଏମବିଏସ ବସ୍ ଗୁଡିକ ଗ୍ରାମ ପଞ୍ଚାୟତକୁ ସମ୍ପୃକ୍ତ ବ୍ଲକ ମୁଖ୍ୟାଳୟ ସହିତ ସଂଯୋଗ କରେ ଏବଂ ଯେଉଁଠାରେ ସାଧାରଣ ପରିବହନ ସେବା ନାହିଁ ସେଠାରେ ସମନ୍ୱିତ ସାଧାରଣ ପରିବହନ ବ୍ୟବସ୍ଥା ସହିତ ନିଶ୍ଚିତ ବସ୍ ସେବା ମାଧ୍ୟମରେ ସଂଯୋଗ କରେ। ଓଡ଼ିଶାର ୬,୭୮୮ ଗ୍ରାମ ପଞ୍ଚାୟତ ମଧ୍ୟରୁ, ବର୍ତ୍ତମାନ ସୁଦ୍ଧା ୫,୮୬୧ ଟି ଗ୍ରାମ ପଞ୍ଚାୟତକୁ ସଫଳତାର ସହିତ ସଂଯୋଗ କରାଯାଇଛି।
- ଏମବିଏସ ଯୋଜନା ଅଧୀନରେ, ଗ୍ରାମାଞ୍ଚଳ ସଂଯୋଗୀକରଣ ପାଇଁ ମୋଟ ୧,୪୨୨ ଟି ବସ୍ ଯୋଗାଇ ଦିଆଯାଇଛି ଏବଂ କାର୍ଯ୍ୟକ୍ଷମ କରାଯାଇଛି। ୩୧ ଜାନୁଆରୀ ୨୦୨୬ ସୁଦ୍ଧା, ଏହା ମୋଟ ୧୬ କୋଟିରୁ ଅଧିକ ଯାତ୍ରୀ ସଂଗ୍ରହଣ କରିପାରିଛି, ଯେଉଁଥିରେ ସର୍ବାଧିକ ଦୈନିକ ଯାତ୍ରୀ ସଂଗ୍ରହ ୩.୭୧ ଲକ୍ଷରୁ ଅଧିକ। ଏହି ବର୍ତ୍ତମାନ ସମୟ ମଧ୍ୟରେ ହାରାହାରି ମହିଳା ଯାତ୍ରୀ ସଂଗ୍ରହଣ ପ୍ରାୟ ୫୩%, ଯେତେବେଳେ ଛାତ୍ର ଯାତ୍ରୀ ସଂଗ୍ରହ ପ୍ରାୟ ୨୪% ରହିଛି।
- ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଙ୍କ ପାଇଁ ମାଗଣା ଯାତ୍ରା: ଏମବିଏସ ଯୋଜନା ଶିକ୍ଷାର ସୁଗମତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରୁଛି ତଥା ୬୨,୨୯୧ ଶିକ୍ଷାନୁଷ୍ଠାନକୁ ସଂଯୋଗ କରୁଛି ଏବଂ ବିଶେଷକରି ଗ୍ରାମୀଣ ଏବଂ ମହିଳା ଛାତ୍ରଛାତ୍ରୀମାନଙ୍କୁ ସହାୟତା କରୁଛି, ଶିକ୍ଷାଗତ ସମୟସୂଚୀ ସହିତ ପରିବହନ ବ୍ୟବସ୍ଥା ଏବଂ ଏମବିଏସର ବସ୍ ସମୟକୁ ସ୍କୁଲ ଏବଂ କଲେଜର ସମୟ ସହିତ ସମନ୍ୱିତ କରାଯାଉଛି। ଏହା ବ୍ୟତୀତ, ଓଡ଼ିଶା ସରକାର ଦ୍ୱାରା ଏମବିଏସ ବସ୍‌ରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ଯାତ୍ରାର ବ୍ୟବସ୍ଥା ସମ୍ପ୍ରତି ଆରମ୍ଭ କରାଯାଇଛି ଯାହା ପରିବହନ ପ୍ରତିବନ୍ଧକ ଦ୍ୱାରା ଶିକ୍ଷାକୁ ବାଧାହୀନ ରଖିବା ସୁନିଶ୍ଚିତ କରେ।





- ମହିଳା ସଶକ୍ତିକରଣ: ଏମବିଏସ ଯୋଜନାର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହା ସାମୁଦାୟିକ ଅଂଶଗ୍ରହଣ ଏବଂ ମହିଳା ସଶକ୍ତିକରଣ ଉପରେ ଧ୍ୟାନ ଦେଉଛି। ପ୍ରତ୍ୟେକ ଜିଲ୍ଲାରେ, ମହିଳାମାନଙ୍କ ନେତୃତ୍ୱରେ ସ୍ୱୟଂ ସହାୟକ ଗୋଷ୍ଠୀ ରାଜସ୍ୱ ସଂଗ୍ରହ ସେବା ପ୍ରଦାନ କରୁଛନ୍ତି, ଭଡ଼ା ସଂଗ୍ରହ ଏବଂ ପରିଚାଳନା, ଯାତ୍ରୀ ପରିଚାଳନାରେ ଭୂମିକା ଗ୍ରହଣ କରୁଛନ୍ତି। ଏହି ସଶକ୍ତିକରଣ ନିଯୁକ୍ତି ପ୍ରଦାନ କରିବାଠାରୁ ଅଧିକ; ଏହା ମହିଳାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରେ ଏବଂ

ନେତୃତ୍ୱ ଗୁଣକୁ ପ୍ରୋତ୍ସାହିତ କରେ, ସାମାଜିକ ପରିବର୍ତ୍ତନରେ ଯୋଗଦାନ ଦିଏ। ଆଜି ପର୍ଯ୍ୟନ୍ତ, ଏମବିଏସ ଅଧୀନରେ ପ୍ରାୟ ୩୦୦ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା କଣ୍ଡକ୍ଟର ବସ୍ ପରିଚାଳନାରେ ନିୟୋଜିତ ହୋଇଛନ୍ତି।



- ପର୍ଯ୍ୟଟନ କ୍ଷେତ୍ରରେ ପ୍ରୋତ୍ସାହନ: ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟକମାନେ ଏବେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟକୁ ସହଜରେ ପାଇପାରିବେ। ଏମବିଏସ ଦ୍ୱାରା ରାଜ୍ୟବ୍ୟାପୀ ବିପୁଳ ସେବା କଭରେଜ୍ ଯୋଗୁଁ, ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ଯଥେଷ୍ଟ ଲାଭ ମିଳିବାର ସମ୍ଭାବନା ଅଛି। ଏହାର ନେଟୱାର୍କରେ ଲୋକପ୍ରିୟ ପର୍ଯ୍ୟଟନ ଆକର୍ଷଣଗୁଡ଼ିକୁ ଅନ୍ତର୍ଭୁକ୍ତ କରି, ଏମବିଏସ ପରିଦର୍ଶକମାନଙ୍କ ପାଇଁ ଏହି ଅଞ୍ଚଳକୁ ଅନୁସନ୍ଧାନ କରିବା ସହଜ କରିବ। ଏହି ଉନ୍ନତ ସଂଯୋଗୀକରଣ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର ସମ୍ଭାବନା ଅଛି, ଯାହା କେବଳ ଆଞ୍ଚଳିକ ପର୍ଯ୍ୟଟନକୁ ଲାଭଦାୟକ କରିବ ନାହିଁ ବରଂ ଅଧିକ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରି ସ୍ଥାନୀୟ ସମ୍ପ୍ରଦାୟକୁ ମଧ୍ୟ ସମର୍ଥନ କରିବ।
- ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିର ଏକ ଆଲୋକପାତ: ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମବିଏସ) ଯୋଜନା କେବଳ ଏକ ପରିବହନ ଯୋଜନା ନୁହେଁ; ଏହା ଏକ ସଂଯୁକ୍ତ, ଅନ୍ତର୍ଭୁକ୍ତ ଏବଂ ସମୃଦ୍ଧ ଓଡ଼ିଶା ପାଇଁ ଏକ ଦୃଷ୍ଟିକୋଣ। ସଂଯୋଗୀକରଣକୁ ବୃଦ୍ଧି କରି, ଏହା କେବଳ ଗ୍ରାମୀଣ ସମ୍ପ୍ରଦାୟକୁ ବିଚ୍ଛିନ୍ନ କରିଥିବା ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗି ନାହିଁ ବରଂ ଅସଂଖ୍ୟ ସୁଯୋଗ ମଧ୍ୟ ସୃଷ୍ଟି କରିଛି । ଏହି ପଦକ୍ଷେପ ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରତିନିଧିତ୍ୱ କରେ, ଯାହା ନିଶ୍ଚିତ କରେ ଯେ ପ୍ରତ୍ୟେକ ନାଗରିକ, ସେମାନଙ୍କର ସ୍ଥାନ ନିର୍ବିଶେଷରେ, ଅତ୍ୟାବଶ୍ୟକ ସେବା ଏବଂ ସୁଯୋଗର ଉପଲବ୍ଧତା ପାଇପାରିବେ। ଏମବିଏସ ଓଡ଼ିଶାର ସମସ୍ତ ଲୋକଙ୍କ ପାଇଁ ଏକ ଅଧିକ ସଂଯୁକ୍ତ ଏବଂ ଅନ୍ତର୍ଭୁକ୍ତ ଭବିଷ୍ୟତ ଗଠନ ପ୍ରତି ପ୍ରତିବଦ୍ଧତାର ପ୍ରମାଣ।
- ସାଧାରଣ ଲୋକଙ୍କ ପାଇଁ ଏକ ସମନ୍ୱିତ ବସ୍ ପରିବହନ ବ୍ୟବସ୍ଥା ପ୍ରଦାନ କରି ଏମବିଏସ ଯୋଜନାକୁ ଆହୁରି ସୁଦୃଢ଼ କରିବା ପାଇଁ, ବିଶେଷକରି ଅଧିକ ସଂଖ୍ୟକ ସ୍କୁଲ, କଲେଜ, ହସ୍ପିଟାଲ, ବଜାର ଏବଂ ଅତ୍ୟାବଶ୍ୟକ ସେବା କେନ୍ଦ୍ରଗୁଡ଼ିକୁ ସଂଯୋଗ କରିବା ପାଇଁ, ଏମବିଏସ ଅଧୀନରେ ବସ୍ ସେବାଗୁଡ଼ିକର ସଂଯୋଜୀକରଣ ଏବଂ ପୁନଃନିର୍ଦ୍ଦେଶନ ହାତକୁ ନିଆଯାଇଛି। ୧୨ ଜାନୁଆରୀ ୨୦୨୬ ରେ, ମାନ୍ୟବର ମୁଖ୍ୟମନ୍ତ୍ରୀ ପୁନଃନିର୍ଦ୍ଦେଶିତ ଏମବିଏସ ବସ୍ ରୁଟ୍ ଆରମ୍ଭ କରିଥିଲେ ଯାହା ସାମଗ୍ରିକ କାର୍ଯ୍ୟକ୍ଷମତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ।

## ୫.୩. ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ" ପ୍ରିମିୟମ୍ ବସ୍ ସେବା

- ଓଡିଶାର ଲୋକଙ୍କ ପାଇଁ ନିରାପଦ ଏବଂ ଆରାମଦାୟକ ଲମ୍ବା ଯାତ୍ରାକୁ ସହଜ କରିବା ପାଇଁ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ୧୨୧ ଟି ୧୫ଏମ୍ ହାଇ-ଏଣ୍ଡ ସୁପର ପ୍ରିମିୟମ ମଲ୍ଟି-ଏକ୍ସଲ ବସ୍ ପ୍ରଚଳନ କରିଛି। ତୀର୍ଥଯାତ୍ରା




ଏବଂ ପର୍ଯ୍ୟଟନକୁ ବୃଦ୍ଧି କରିବା ପାଇଁ ଆନ୍ତଃରାଜ୍ୟ ସଂଯୋଗୀକରଣକୁ ସୁଦୃଢ଼ କରିବା ଦିଗରେ ଓଡ଼ିଶା ସରକାରଙ୍କ ପ୍ରୟାସ ସହିତ, ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ତୀର୍ଥଯାତ୍ରା / ପର୍ଯ୍ୟଟନ ସଂଯୋଗୀକରଣ ସମେତ ଆନ୍ତଃରାଜ୍ୟ ଏବଂ ଆନ୍ତଃରାଜ୍ୟ ସେବା ପାଇଁ ଏହି ବସ୍ ପରିଚାଳନା କରୁଛି।

- ୧୨ ଜାନୁଆରୀ ୨୦୨୫ରେ, ୧୯ ଟି ସ୍ୱତନ୍ତ୍ର ଜଗନ୍ନାଥ ଏକ୍ସପ୍ରେସ ବସ୍ ମହାକୁମ୍ଭ ମେଳା ୨୦୨୫ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଦ୍ୱାରା ଉଦ୍ଘାଟିତ ହୋଇଥିଲା, ଯାହା ବ୍ରହ୍ମପୁର, ପୁରୀ, ଭୁବନେଶ୍ୱର, ବାଲେଶ୍ୱର , ସମ୍ବଲପୁର, ଭବାନୀପାଟଣା, ବରଗଡ ଏବଂ କେଉଁଝର ରୁ ପ୍ରୟାଗରାଜ, ବାରାଣାସୀ ଏବଂ ଅଯୋଧ୍ୟାକୁ ସଂଯୋଗ କରିଥିଲା।





- ଜାନୁଆରୀରୁ ଫେବୃଆରୀ ୨୦୨୫ ମଧ୍ୟରେ ୪,୦୦୦ ରୁ ଅଧିକ ତୀର୍ଥଯାତ୍ରୀଙ୍କୁ ନେଇ ମୋଟ ୯୪ ଟି ସେବା ପ୍ରଦାନ କରାଯାଇଥିଲା।
- ଏହା ବ୍ୟତୀତ, ୩ ଜୁନ ୨୦୨୫ ତାରିଖରେ ମହାମାନ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧୨ ଟି ଅତ୍ୟାଧୁନିକ ଉଚ୍ଚଶ୍ରେଣୀୟ ବସ ସହିତ ୭ ଟି ରାଜ୍ୟାନ୍ତର ତୀର୍ଥଯାତ୍ରା ରୁଟ ଆରମ୍ଭ କରାଯାଇଥିଲା। ଏହି ରୁଟଗୁଡ଼ିକ ହେଲା - ପୁରୀରୁ ଉଜ୍ଜେନ, ପୁରୀରୁ ହାଇଦ୍ରାବାଦ, ଭବାନୀପାଟଣାରୁ ହାଇଦ୍ରାବାଦ, ନବରଙ୍ଗପୁରରୁ ହାଇଦ୍ରାବାଦ, ପୁରୀରୁ ଭିଲାଇ, ପୁରୀରୁ ଅଯୋଧ୍ୟା ଏବଂ ଭୁବନେଶ୍ୱରରୁ ବିଶାଖାପଟ୍ଟଣମ।







- ଏହି ସମୟସୀମା ମଧ୍ୟରେ ୩୪ ଟି ନୂଆ ବସ ମାଧ୍ୟମରେ ୧୬ ଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାଜ୍ୟାନ୍ତର ରୁଟକୁ ସଫଳତାର ସହିତ ପରିଚାଳନାରେ ଅଣାଯାଇଛି। ସେହି ରୁଟଗୁଡ଼ିକ ହେଲା - ଝାରସୁଗୁଡ଼ାରୁ ଗୟା, ଜୟପୁରରୁ
- ରାଜାହମୁନ୍ଦ୍ରୀ, ନବରଙ୍ଗପୁରରୁ ବିଜୟୱାଡ଼ା, ଭବାନୀପାଟଣାରୁ ବିଶାଖାପଟ୍ଟଣମ, ଭଞ୍ଜନଗରରୁ ବିଶାଖାପଟ୍ଟଣମ ହୋଇ ସିମାଞ୍ଚଳମ , ପୁରୀରୁ କଲିକତା, ପୁରୀରୁ ଆସନସୋଲ, ରାଉରକେଲାରୁ ବୋକାରୋ, ବେରହମପୁରରୁ ମାୟାପୁର, ରାୟଗଡ଼ାରୁ କରିମନଗର, ବ୍ରହ୍ମପୁରରୁ ରାଇପୁର, ଭବାନୀପାଟଣାରୁ ରାଇପୁର, ପୁରୀରୁ ବୃନ୍ଦାବନ, ସମ୍ବଲପୁରରୁ ବିଶାଖାପଟ୍ଟଣମ, ଖରିଆର ରୋଡ଼ରୁ ବିଶାଖାପଟ୍ଟଣମ ଏବଂ ପୁରୀରୁ ତିରୁପତି ହୋଇ ବେଙ୍ଗାଲୁର।

## ୫.୪. ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ବସ ବାହିନୀ ସୁଦୃଢ଼ିକରଣ

- ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଏହାର ପୁରୁଣା ଯାନବାହନଗୁଡ଼ିକୁ ଆଧୁନିକ, ପରିବେଶ ସହଯୋଗୀ ବସ ସହ ପରିବର୍ତ୍ତନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛି, ଯାହା ଦ୍ୱାରା କାର୍ବନ ନିସ୍ସରଣ କମିବା ସହିତ ଯାତ୍ରୀମାନଙ୍କ ସୁରକ୍ଷା ଓ ସୁବିଧା ବୃଦ୍ଧି ପାଇବ। ଏହି ନୂତନ ବସଗୁଡ଼ିକରେ ସଜୀବ ଯାନ ନିରୀକ୍ଷଣ ପ୍ରଣାଳୀ, ଯାତ୍ରାକାଳୀନ ନିରନ୍ତର ନିରୀକ୍ଷଣ ପାଇଁ ସମନ୍ୱିତ ସିସିଟିଭି ବ୍ୟବସ୍ଥା, କୌଣସି ଅପଘାତ ସମୟରେ ତୁରନ୍ତ ସହାୟତା ପାଇଁ ଆତଙ୍କ ସୂଚକ ବଟନ, ଏବଂ ବସ ଭିତରେ ଅଗ୍ନିଜନିତ ଝୁମକି ରୋକଥାମ ଓ ପରିଚାଳନା ପାଇଁ ଅଗ୍ନି ଚିହ୍ନଟ ଓ ନିରୋଧ ପ୍ରଣାଳୀ ସଂଯୋଜିତ ରହିଛି।
- ଏହି ପରିପ୍ରେକ୍ଷୀରେ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ତାଙ୍କର ବର୍ତ୍ତମାନର ବସ ବାହିନୀରେ ୧୦୦ ଟି ନୂତନ ଅତ୍ୟାଧୁନିକ ବସ ସମ୍ମିଳିତ କରିଛି, ଯାହା ଦ୍ୱାରା ନିମ୍ନ ନିସ୍ସରଣ ସହିତ ଉଚ୍ଚତର ସୁରକ୍ଷା ଓ ଯାତ୍ରୀ ସୁବିଧା ସୁନିଶ୍ଚିତ ହେବ। ୧୨ ଜାନୁଆରୀ ୨୦୨୬ ତାରିଖରେ ମହାମାନ୍ୟ ମୁଖ୍ୟମନ୍ତ୍ରୀ ଏହି ୧୦୦ ଟି ନୂତନ  ବସର ଉଦ୍‌ଘାଟନ



କରିଥିଲେ।


- ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛ ପରିବହନକୁ ପ୍ରୋତ୍ସାହନ ଦେବା ପାଇଁ ଦୀର୍ଘଦୂର ଚଳାଚଳ ଯୋଗ୍ୟ ବିଦ୍ୟୁତଚାଳିତ ବସ ପରିଚୟ କରାଇବା ଦିଗରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି। ଏହା ରାଜ୍ୟ ସରକାରଙ୍କ ବିଦ୍ୟୁତ ଯାନ ନୀତି ଓ ବିକଶିତ ଓଡ଼ିଶାର ଦୃଷ୍ଟିକୋଣ ସହ ସମନ୍ୱୟରେ ରହିଛି। ଏହି ଉଦ୍ଦେଶ୍ୟରେ ୧୦୦ଟି ନୂଆ ବିଦ୍ୟୁତଚାଳିତ ବସ କ୍ରୟ ପାଇଁ ନିଗମ ପକ୍ଷରୁ ବିହିତ ପଦକ୍ଷେପ ଆରମ୍ଭ କରାଯାଇଛି।

## ୫.୫. ସଡ଼କ ସୁରକ୍ଷା ପଦକ୍ଷେପ

- ସଡ଼କ ସୁରକ୍ଷା ସୁଦୃଢ଼ିକରଣ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ, ୨,୫୦୦ ରୁ ଅଧିକ ଚାଳକଙ୍କୁ ସୁରକ୍ଷିତ ଚାଳନା (ରକ୍ଷାତ୍ମକ ଚାଳନା) ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହା ସହିତ, ଓଡ଼ିଶା ରାଜ୍ୟ ପଥ ପରିବହନ ନିଗମ ଅଧୀନରେ ୩,୫୦୦ ରୁ ଅଧିକ ପରିଚାଳକଙ୍କୁ ପ୍ରାଥମିକ ଚିକିତ୍ସା ଓ ତ୍ୱରିତ ପ୍ରତିକ୍ରିୟା ପ୍ରଶିକ୍ଷଣ ଦିଆଯାଇଛି।



- ସଡ଼କ ଓ ଯାତ୍ରୀ ସୁରକ୍ଷାକୁ ଦୃଷ୍ଟିରେ ରଖି, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଆଧୁନିକ ଚାଳକ ସହାୟକ ପ୍ରଣାଳୀ ସ୍ଥାପନ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏହି ପ୍ରଣାଳୀ ସେନ୍ସର ଓ କ୍ୟାମେରା ମାଧ୍ୟମରେ ଯାନବାହନର କାର୍ଯ୍ୟପ୍ରଣାଳୀ ଏବଂ ଚାଳକଙ୍କ ଆଚରଣ ଉପରେ ନିରୀକ୍ଷଣ କରି ସତର୍କ ସୂଚନା ପ୍ରଦାନ କରେ। ଏହା ଚାଳକଙ୍କ ଆଚରଣର ନିରନ୍ତର ନିରୀକ୍ଷଣ ଓ ଟ୍ରାକିଂ, ସାମ୍ନାମୁଖୀ ଧକ୍କା ସତର୍କ ସୂଚନା, ଲେନ୍ ଛାଡ଼ିବା ସତର୍କତା, ଯାନମାନଙ୍କ ମଧ୍ୟରେ ଦୂରତା ନିରୀକ୍ଷଣ ଓ ସତର୍କ ସୂଚନା ଇତ୍ୟାଦି ସୁବିଧା ପ୍ରଦାନ କରେ, ଯାହା ଦୁର୍ଘଟଣା ଓ ମୃତ୍ୟୁହାର କମାଇବାରେ ମୁଖ୍ୟ ଭୂମିକା ନିଭାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ, ମୁଖ୍ୟମନ୍ତ୍ରୀ ବସ ସେବା ଅଧୀନରେ ପ୍ରାୟ ୧,୦୦୦




ଗୋଟି ବସରେ ଏହି ପ୍ରଣାଳୀ ସ୍ଥାପନ କରାଯାଇଛି।

(ମୁଖ୍ୟମନ୍ତ୍ରୀ ବସ ସେବା ଅଧୀନରେ କିଛି ବସରେ ଆଧୁନିକ ଚାଳକ ସହାୟକ ପ୍ରଣାଳୀ ଡ୍ୟାସବୋର୍ଡ ଏବଂ ହାର୍ଡୱେୟାର ସ୍ଥାପନ)

## ୫.୬. ଆଇଟିଏମଏସ୍ ଓ ଆଇସିସିସି

- ଓଏସଆରଟିସିର ସମସ୍ତ ଟିକେଟ୍ ବୁକିଂ କାଉଣ୍ଟରରେ କ୍ୟୁଆର୍ କୋଡ୍ ସ୍ଥାପନ କରାଯାଇ ୟୁପିଆଇ ମାଧ୍ୟମରେ ନଗଦବିହୀନ ଅର୍ଥ ପ୍ରଦାନ ବ୍ୟବସ୍ଥା କୁ ପ୍ରୋତ୍ସାହନ ଦିଆଯାଇଛି । ଏହା ସହିତ, ଅଧିକ ପହଞ୍ଚ ସୁନିଶ୍ଚିତ କରିବା ପାଇଁ ଓଏସଆରଟିସିର ଟିକେଟ୍ ବୁକିଂ ସୁବିଧାର ଏପିଆଇକୁ ରାଜ୍ୟ ସରକାରୀ ପୋର୍ଟାଲ ସହ ଏକୀକୃତ କରାଯାଇଛି ।


- ୩ ଜୁନ୍ ୨୦୨୫ ତାରିଖରେ ମହାମହିମ ମୁଖ୍ୟମନ୍ତ୍ରୀ ଓଏସଆରଟିସିର ସମନ୍ୱିତ ପରିବହନ ପରିଚାଳନା ପ୍ରଣାଳୀ ଏବଂ ସମନ୍ୱିତ ନିୟନ୍ତ୍ରଣ ଓ କମାଣ୍ଡ କେନ୍ଦ୍ରର ଉଦ୍ଘାଟନ କରିଥିଲେ । ଏହି ପ୍ରଣାଳୀଗୁଡ଼ିକ ଯାତ୍ରୀ ସୁବିଧା ବୃଦ୍ଧି, ଯାତ୍ରାକୁ ଅଧିକ ସହଜ ଓ ଉପଯୋଗକାରୀ କରିବା ସହିତ ଓଏସଆରଟିସିର ସମଗ୍ର କାର୍ଯ୍ୟକଳାପକୁ କେନ୍ଦ୍ରୀୟ ଭାବେ ଓ ଅଧିକ କାର୍ଯ୍ୟକ୍ଷମ ଭାବରେ ପରିଚାଳନା କରିବାରେ ସହାୟକ ହେଉଛି ।








- ଶକ୍ତିଶାଳୀ ସମନ୍ୱିତ ପରିବହନ ପରିଚାଳନା ପ୍ରଣାଳୀ ଅଧୀନରେ ୧୨ ଠାରୁ ଅଧିକ ମଡ୍ୟୁଲ୍ ରୂପାୟଣ କରାଯାଇଛି, ଯାହା ଦ୍ୱାରା କାର୍ଯ୍ୟକର ଚଳାଚଳ ନିରୀକ୍ଷଣ ଓ ପରିଚାଳନା ସୁନିଶ୍ଚିତ ହେଉଛି ।
- ଏଥିରେ ସ୍ୱୟଂଚାଳିତ ଭଡ଼ା ସଂଗ୍ରହ ପ୍ରଣାଳୀ, ଯାନ ସ୍ଥିତି ଚିହ୍ନଟ ପ୍ରଣାଳୀ, ଡିପୋ ପରିଚାଳନା ପ୍ରଣାଳୀ, ମାନବ ସଂଶୋଧନ ପରିଚାଳନା ପ୍ରଣାଳୀ, ଅଭିଯୋଗ ପରିଚାଳନା ପ୍ରଣାଳୀ, ଇନ୍ଧନ ବ୍ୟବହାର ପରିଚାଳନା ପ୍ରଣାଳୀ, ୱେବ୍ ପୋର୍ଟାଲ ଓ ମୋବାଇଲ୍ ଆପ୍ଲିକେସନ୍ ଇତ୍ୟାଦି ସାମିଲ ଅଛି ।ଯାତ୍ରୀମାନଙ୍କ ସୁବିଧା ପାଇଁ ନିର୍ଦ୍ଦିଷ୍ଟ ମୋବାଇଲ୍ ଆପ୍ଲିକେସନ୍ (ଆଣ୍ଡ୍ରଏଡ୍ ଓ ଆଇଓଏସ୍ ଆଧାରିତ) ଚାଲୁ କରାଯାଇଛି, ଯାହା ଦ୍ୱାରା ଅଗ୍ରିମ ଅନଲାଇନ୍ ଟିକେଟ୍




ବୁକିଂ, ସଜୀବ ବସ ଟ୍ରାକିଂ, ରୁଟ୍ ଓ ସମୟସୂଚୀ ସୂଚନା, ଯାତ୍ରୀ ପ୍ରତିକ୍ରିୟା ପରିଚାଳନା ସହିତ ଭାଡ଼ା ସଂଗ୍ରହ ଓ ଆୟ ପରିଚାଳନାକୁ ସ୍ୱୟଂଚାଳିତ ଓ ସରଳ କରାଯାଉଛି।

(ଓଏସଆରଟିସିର ମୋବାଇଲ୍ ଆପ୍ଲିକେସନ୍)




- ଏହା ସହିତ ସମନ୍ୱିତ ନିୟନ୍ତ୍ରଣ ଓ କମାଣ୍ଡ କେନ୍ଦ୍ର ମଧ୍ୟ ବିକଶିତ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି । ଏହି କେନ୍ଦ୍ର ମାଧ୍ୟମରେ ସଜୀବ ଭୌଗୋଳିକ ତଥ୍ୟ ସଂଗ୍ରହ କରି ଓଏସଆରଟିସିର ସମଗ୍ର ବସ ବାହିନୀ କୁ ଏକ ସଙ୍ଗେ ନିରୀକ୍ଷଣ ଓ ପରିଚାଳନା କରାଯାଉଅଛି । ଏହା ସହ ଯାତ୍ରୀମାନଙ୍କ ସମସ୍ୟା ସମାଧାନ ପାଇଁ ଓଏସଆରଟିସି ଦ୍ୱାରା ୨୪ ଘଣ୍ଟା ସକ୍ରିୟ ଅଭିଯୋଗ ସମାଧାନ କେନ୍ଦ୍ର ଚାଲୁ ରହିଛି ।




(ଭୁବନେଶ୍ୱରରେ ଓଏସଆରଟିସିର ମୁଖ୍ୟାଳୟରେ ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର)

### ୫.୭. ସ୍ମାର୍ଟ ଟ୍ରାନ୍ସିଟ୍ କାର୍ଡ ମାଧ୍ୟମରେ ନଗଦବିହୀନ ଟିକେଟିଂ

- ଦ୍ରୁତ, ସହଜ ଓ ନିର୍ବିଘ୍ନ ଟିକେଟିଂ ସୁନିଶ୍ଚିତ କରିବା ପାଇଁ ଓଏସଆରଟିସି ଡିଜିଟାଲ୍ ଟିକେଟିଂ ଓ ନଗଦବିହୀନ ଟିକଟ କଟାକୁ ପ୍ରୋତ୍ସାହନ ଦେଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହାର ଅଂଶ ଭାବେ ଓଏସଆରଟିସି ବସରେ ବନ୍ଦ ଲୁପ୍ ଆଧାରିତ ସ୍ମାର୍ଟ ଟ୍ରାନ୍ସିଟ୍ କାର୍ଡ ବ୍ୟବସ୍ଥା ରୂପାୟଣ କରାଯାଇଛି, ଯାହା ଦ୍ୱାରା ସୁରକ୍ଷିତ ଓ ଯାତ୍ରୀ-ମିତ୍ର ଭାଡ଼ା ସଂଗ୍ରହ ସମ୍ଭବ ହେଉଛି ।

୧୨ ଜାନୁଆରୀ ୨୦୨୬ ତାରିଖରେ ମହାମହିମ ମୁଖ୍ୟମନ୍ତ୍ରୀ ଓଏସଆରଟିସିରେ ବନ୍ଦ ଲୁପ୍ ସ୍ମାର୍ଟ ଟ୍ରାନ୍ସିଟ୍ କାର୍ଡ ପ୍ରଣାଳୀର ଶୁଭାରମ୍ଭ କରିଥିଲେ । ଏହା ଡିଜିଟାଲ୍ ଓ ସ୍ୱଚ୍ଛ ଶାସନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ, ଯାହା ଭଡ଼ା ସଂଗ୍ରହକୁ ସରଳ କରିବା ସହିତ ଆର୍ଥିକ ଦାୟିତ୍ୱବୋଧ ଓ ଯାତ୍ରୀ ସୁବିଧାକୁ ବୃଦ୍ଧି କରିବ ।




- ଏହି ସ୍ମାର୍ଟ କାର୍ଡରେ ସମ୍ପର୍କବିହୀନ ପ୍ରଯୁକ୍ତି ଆଧାରିତ ସ୍ମାର୍ଟ ଚିପ୍, ସୁରକ୍ଷିତ ମୂଲ୍ୟ ସଂରକ୍ଷଣ, ଗୁପ୍ତ ଚାବି ଓ ଆଦାନ ପ୍ରଦାନ ତଥ୍ୟ ସୁରକ୍ଷା ସହିତ ଟିକେଟ୍ ଯନ୍ତ୍ର ଓ ପଏଣ୍ଟ ଅଫ୍ ସେଲ୍ ଉପକରଣ ସହ ସୁସଂଗତତା ଭଳି ଆଧୁନିକ ବୈଶିଷ୍ଟ୍ୟ ରହିଛି ।
- ପ୍ରଥମ ପର୍ଯ୍ୟାୟରେ ଓଏସଆରଟିସିର ସମସ୍ତ ୨୩ଟି ଡିପୋରେ ୧,୦୦୦ଟି ସ୍ମାର୍ଟ ଟ୍ରାନ୍ସିଟ୍ କାର୍ଡ ଜାରି କରାଯାଇଛି ।

### ୫.୮ ଅଟଳ ବସ୍ ଷ୍ଟାଣ୍ଡ (ଏବିଏସ୍)

- ସାରା ରାଜ୍ୟରେ ଅତ୍ୟାଧୁନିକ, ଉଚ୍ଚମାନର ସାର୍ବଜନୀନ ପରିବହନ ଭିତ୍ତିଭୂମି ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ସରକାର "ଅଟଳ ବସ୍ ଷ୍ଟାଣ୍ଡ (ଏବିଏସ୍)" ଯୋଜନା ପ୍ରଣୟନ କରିଥିଲେ। ସରକାରଙ୍କ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ଓଏସଆରଟିସି ନିର୍ଭରଯୋଗ୍ୟ, ସ୍ଥାୟୀ, ସ୍ଥିର ଏବଂ ଜନସାଧାରଣଙ୍କ ବ୍ୟବହାର ପାଇଁ ସୁରକ୍ଷିତ ଭିତ୍ତିଭୂମି ସ୍ଥାପନ କରି ପରିବହନ ଇକୋସିଷ୍ଟମକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।



ବସ୍ତା ବସ୍ ଷ୍ଟାଣ୍ଡ, ବାଲେଶ୍ୱର | ଧାମରା ବସ୍ ଷ୍ଟାଣ୍ଡ, ଭଦ୍ରକ | ବାସୁଦେବପୁର ବସ୍ ଷ୍ଟାଣ୍ଡ, ଭଦ୍ରକ

- ଅଟଳ ବସଷ୍ଟାଣ୍ଡ ଯୋଜନା ଅନ୍ତର୍ଗତ, ଓଏସଆରଟିସି ଦ୍ୱାରା ଆଧୁନିକ ଅତ୍ୟାଧୁନିକ ସୁବିଧା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବ୍ୟବସ୍ଥା ସହିତ ୩୧୮ଟି ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ ଏବଂ ବିକାଶ ପାଇଁ ଯୋଜନା କରାଯାଇଛି ଏବଂ ଓଏସଆରଟିସି ଅଧୀନରେ ଥିବା ୦୯ଟି ବିଦ୍ୟମାନ ବସ୍ ଷ୍ଟାଣ୍ଡ ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସୁବିଧା ପ୍ରଦାନ କରାଯିବ।
  - ➢ ବର୍ତ୍ତମାନ ସୁଦ୍ଧା, ୭୦ଟି ନୂତନ ଅଟଳ ବସ୍ ଷ୍ଟାଣ୍ଡ ନିର୍ମାଣ ହୋଇ କାର୍ଯ୍ୟକ୍ଷମ କରାଯାଇଛି।
  - ➢ ଏହା ବ୍ୟତୀତ, ୯୫ଟି ଅଟଳ ବସଷ୍ଟାଣ୍ଡ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି ଏବଂ ୨୩ଟି ଅଟଳ ବସଷ୍ଟାଣ୍ଡ ପ୍ରକଳ୍ପ ପାଇଁ ଟେଣ୍ଡର ଜାରି କରାଯାଇଛି।

- ଅନ୍ୟ ୬୯ଟି ଅଟଳ ବସଷ୍ଟାଣ୍ଡ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଇଛି ଏବଂ ଟେଣ୍ଡର ପ୍ରକ୍ରିୟାରେ ଅଛି।
- ଆହୁରି ୬୧ଟି ଅଟଳ ବସଷ୍ଟାଣ୍ଡ ପ୍ରକଳ୍ପ ପାଇଁ ଜମି ଚିହ୍ନଟ ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି।
- ଏହା ବ୍ୟତୀତ, ଓଏସଆରଟିସିର ୭ଟି ବସ ଷ୍ଟାଣ୍ଡକୁ ଅଟଳ ବସଷ୍ଟାଣ୍ଡ ଯୋଜନା ଅଧୀନରେ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସୁବିଧା ଯୋଗାଇ ଦିଆଯାଇଛି, ଯେତେବେଳେ ଆଉ ୨ଟି ବସ ଷ୍ଟାଣ୍ଡକୁ ଅଟଳ ବସଷ୍ଟାଣ୍ଡ ଯୋଜନା ଅଧୀନରେ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଗ୍ରହଣ କରାଯିବା ପ୍ରକ୍ରିୟାରେ ଅଛି।



ରେଙ୍ଗାଲି ବସ୍ ଷ୍ଟାଣ୍ଡ, ସମ୍ବଲପୁର



ରିଆମାଲ ବସ୍ ଷ୍ଟାଣ୍ଡ, ଦେବଗଡ଼




ସଇଁତଲା ବସ ଷ୍ଟାଣ୍ଡ, ବଲାଙ୍ଗୀର



ଆରଡି ବସ୍ ଷ୍ଟାଣ୍ଡ, ଭଦ୍ରକ




ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧୨ ଜାନୁଆରୀ ୨୦୨୬ ରେ ଅଟଳ ବସ୍ ଷ୍ଟାଣ୍ଡ ଯୋଜନାରେ ବିକଶିତ ୧୪ ଟି ନୂତନ ବସ୍ ଷ୍ଟାଣ୍ଡର ଉଦଘାଟନ।

- ସମସ୍ତ କାର୍ଯ୍ୟକ୍ଷମ ବସ୍ ଷ୍ଟାଣ୍ଡଗୁଡ଼ିକୁ ଉତ୍ସର୍ଗୀକୃତ ସୁବିଧା ପରିଚାଳନା ସେବା ସଂସ୍ଥାଗୁଡ଼ିକ ଦ୍ୱାରା ସୁପରିଚାଳନା ଏବଂ ରକ୍ଷଣାବେକ୍ଷଣ କରାଯାଉଛି । ଜିଲ୍ଲା ପ୍ରଶାସନ ଦ୍ୱାରା ବସ୍ ଷ୍ଟାଣ୍ଡ ମାନଙ୍କର ସୁପରିଚାଳନା ପାଇଁ ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସୁବିଧା ପରିଚାଳନା ସେବା ସଂସ୍ଥାଗୁଡ଼ିକୁ ଚୟନ କରାଯାଇ ନିୟୋଜିତ କରାଯାଇଅଛି ଏବଂ ମାନକ କାର୍ଯ୍ୟ ପ୍ରଣାଳୀକୁ କଡ଼ାକଡ଼ି ପାଳନ କରାଯାଇ ଆବଶ୍ୟକ ସେବା ପ୍ରଦାନ କରାଯାଉଅଛି ।



# ରେଳ ସମନ୍ୱୟ

# ନିର୍ଦ୍ଦେଶାଳୟ

୧

## ୬. ରେଳ ସମନ୍ୱୟ ନିର୍ଦ୍ଦେଶାଳୟ

### ୬.୧. ଚାଲୁଥିବା ରେଲୱେ ପ୍ରକଳ୍ପଗୁଡିକ

ପରିବହନ ବିଭାଗର ରେଲୱେ ଶାଖା ବର୍ତ୍ତମାନ ନିମ୍ନୋଲ୍ଲେଖିତ ୧୫ଟି ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ଭାଳୁଛି:

| କ୍ରମିକ ସଂଖ୍ୟା | ପ୍ରକଳ୍ପର ନାମ |
|---|---|
| ୧ | ଅନୁଗୁଳ–ଡୁବୁରି–ସୁକିନ୍ଦା ରୋଡ୍ NBG ରେଲ ଲିଙ୍କ ପ୍ରକଳ୍ପ (ଚାଲୁ) |
| ୨ | ହରିଦାସପୁର–ପାରାଦୀପ NBG ରେଲ ଲିଙ୍କ ପ୍ରକଳ୍ପ (ଚାଲୁ) |
| ୩ | ଖୋର୍ଦ୍ଧା ରୋଡ୍–ବଲାଙ୍ଗିର NBG ରେଲ ଲିଙ୍କ ପ୍ରକଳ୍ପ (ଆଂଶିକ ଚାଲୁ) |
| ୪ | ତାଳଚେର–ବିମଳାଗଡ଼ NBG ରେଲ ଲିଙ୍କ ପ୍ରକଳ୍ପ |
| ୫ | ଦୈତାରୀ–ବାଂଶପାଣି ରେଳ ଲିଙ୍କ ପ୍ରକଳ୍ପ (ଚାଲୁ) |
| ୬ | ତାଳଚେର–ସମ୍ବଲପୁର ଡବଲିଂ |
| ୭ | ସମ୍ବଲପୁର–ଟିଟିଲାଗଡ଼ ଡବଲିଂ |
| ୮ | ଲାଞ୍ଜିଗଡ଼ ରୋଡ୍–ଜୁନାଗଡ଼ NBG ରେଲ ଲିଙ୍କ ପ୍ରକଳ୍ପ (ଚାଲୁ) |
| ୯ | କଟକ–ପାରାଦୀପ ଡବଲିଂ (ଚାଲୁ) |
| ୧୦ | ଜୟପୁର–ନବରଙ୍ଗପୁର NBG ରେଳ ଲିଙ୍କ ପ୍ରକଳ୍ପ |
| ୧୧ | ଜୟପୁର–ମାଲକାନଗିରି NBG ରେଳ ଲିଙ୍କ ପ୍ରକଳ୍ପ |
| ୧୨ | ଭଦ୍ରକ–ନିର୍ଗୁଣ୍ଡି ତୃତୀୟ ଲାଇନ୍ |
| ୧୩ | ଶାଳଗାଁ–ବୁଢାପଙ୍କ–ଜରପଡା ତୃତୀୟ ଓ ଚତୁର୍ଥ ଲାଇନ୍ |
| ୧୪ | କୋରାପୁଟ–ସିଙ୍ଗାପୁର ରୋଡ୍ ଡବଲିଂ ପ୍ରକଳ୍ପ |
| ୧୫ | କଳାହାଣ୍ଡି ଜିଲ୍ଲାର ନର୍ଲାରେ ଇଲେକ୍ଟ୍ରୋ ଲୋକୋ POH ସ୍ଥାପନ |

### ୬.୨. ରାଜ୍ୟର ଆର୍ଥିକ ଅଂଶୀଦାରିତା ସହିତ ଚାଲୁଥିବା ରେଳ ପ୍ରକଳ୍ପ

ଓଡ଼ିଶା ସରକାର ନିମ୍ନଲିଖିତ ତିନି ଗୋଟି ରେଳ ପ୍ରକଳ୍ପରେ ଖର୍ଚ୍ଚ ବଣ୍ଟନ ଆଧାରରେ ଅଂଶଗ୍ରହଣ କରୁଛନ୍ତି:

- ଖୋର୍ଦ୍ଧା ରୋଡ୍ – ବଲାଙ୍ଗିର (୨୮୯ କି.ମି.) ନୂତନ ବ୍ରଡ୍ ଗେଜ୍ ରେଳ ଲିଙ୍କ ପ୍ରକଳ୍ପ: ରାଜ୍ୟ ସରକାର ନିର୍ମାଣ ଖର୍ଚ୍ଚର ୫୦% ଅଂଶ ଓ ୧୧୨-୧୮୯ କି.ମି. ମଧ୍ୟରେ ଦଶପଲ୍ଲା–ବଲାଙ୍ଗିର ଖଣ୍ଡ ପାଇଁ ସମ୍ପୂର୍ଣ୍ଣ ମାଗଣା ଜମି ଯୋଗାଇବେ, ଯାହା ରାଜ୍ୟ ସରକାର ଓ ରେଳ ମନ୍ତ୍ରାଳୟ ମଧ୍ୟରେ ସ୍ମୃତିପତ୍ର (MoU) ଅନୁଯାୟୀ ନିଷ୍ପାଦିତ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବର୍ଦ୍ଧିତ ନିର୍ମାଣ ଖର୍ଚ୍ଚ ପାଇଁ ECoR କୁ ₹୫୮୩.୧୭ କୋଟି ମୁକ୍ତ କରାଯାଇଛି।

- ଜୟପୁର – ମାଲକାନଗିରି (୧୩୦ କି.ମି.): ଏହି ପ୍ରକଳ୍ପର ସମୁଦାୟ ଖର୍ଚ୍ଚର ୨୫ % ରାଜ୍ୟ ସରକାର ବହନ କରିବେ। ଜମି ଅଧିଗ୍ରହଣ ପାଇଁ ଆବଶ୍ୟକ ପଦକ୍ଷେପ ଆରମ୍ଭ ହୋଇଛି।
- ଜୟପୁର – ନବରଙ୍ଗପୁର (୩୮ କି.ମି.): ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ମାଗଣା ଜମି ଯୋଗାଇବା ସହିତ ନିର୍ମାଣ ଖର୍ଚ୍ଚର ୫୦% ବହନ କରିବେ। ୨୦୨୪-୨୫ ଆର୍ଥିକ ବର୍ଷ ଓ ଜୁନ୍ ୨୦୨୫ ରେ ଜମି ଅଧିଗ୍ରହଣ ପାଇଁ ମୋଟ ₹୫୫ କୋଟି ଅନୁମୋଦିତ ହୋଇଛି।

### ୬.୩. ସମ୍ପ୍ରତି ଅନୁମୋଦିତ ନୂତନ ଲାଇନ୍ ପ୍ରକଳ୍ପଗୁଡିକ

- ଭାରତ ସରକାରଙ୍କ ରେଲ ମନ୍ତ୍ରାଳୟ ଅଗଷ୍ଟ ୨୦୨୪ ରେ ଓଡ଼ିଶାରେ ଆଠ ଟି ନୂତନ ରେଳ ପ୍ରକଳ୍ପ ଅନୁମୋଦନ କରିଛନ୍ତି, ଯାହା ସଂଯୋଗକୁ ସୁଦୃଢ଼ କରିବା ଓ ଆଞ୍ଚଳିକ ବିକାଶକୁ ଉତ୍ସାହିତ କରିବାରେ ମୁଖ୍ୟ ଭୂମିକା ନିଭାଇବ। ପ୍ରକଳ୍ପଗୁଡିକ ହେଲେ:
    - ଗୁଣୁପୁର – ଥେରୁଭାଲି ନୂତନ ଲାଇନ୍ (୭୩. ୬୨କି.ମି.)
    - ଜୁନାଗଡ଼ – ନବରଙ୍ଗପୁର ନୂତନ ଲାଇନ୍ (୧୧୬ .୨୧ କି.ମି.)
    - ବାଦାମପାହାଡ – କେଞ୍ଝର (୮୨.୦୬ କି.ମି.)
    - ବାଙ୍ଗିରିପୋଷି – ଗୋରୁମହିଷାଣି (୮୫. ୬୦ କି.ମି.)
    - ମାଲକାନଗିରି – ପାଣ୍ଡୁରଙ୍ଗପୁରମ (ଭଦ୍ରାଚଳମ ମାର୍ଗରେ) (୧୭୩.୬୧ କି.ମି.)
    - ବୁରମାରା (ମୟୂରଭଞ୍ଜ) – ଚକୁଳିଆ (ଝାଡ଼ଖଣ୍ଡ) (୫୯.୯୬ କି.ମି.)
    - ବରଗଡ଼ ରୋଡ୍ – ନୂଆପଡା ରୋଡ଼ ନୂତନ ଲାଇନ୍ (୧୩୬ କି.ମି.)
    - ସର୍ଦେଗା (ସୁନ୍ଦରଗଡ଼) – ଭାଲୁମୁଡ଼ା (ଛତିଶଗଡ଼) ନୂତନ ଡବଲ ଲାଇନ୍ (୩୭ କି.ମି.)
- ଭାରତ ସରକାରଙ୍କ ରେଳ ମନ୍ତ୍ରାଳୟ ଏପ୍ରିଲ୍ ୨୦୨୫ ରେ ଓଡିଶାରେ ୨ଟି ନୂତନ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପଗୁଡିକ ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅଧୀନରେ ମଲ୍ଟି-ମୋଡାଲ୍ ସଂଯୋଗତା ପାଇଁ ଗୃହୀତ ଏକତ୍ରିତ ପରିକଳ୍ପନାର ଫଳସ୍ୱରୂପ ଅଟେ ଏବଂ ଏହା ସାମଗ୍ରୀ ଓ ସେବାମାନଙ୍କର ସୁଗମ ଆଗମନ-ପ୍ରସ୍ଥାନ ପାଇଁ ନିର୍ବିଘ୍ନ ସଂଯୋଗତା ପ୍ରଦାନ କରିବ।

- ଏହି ପ୍ରକଳ୍ପଗୁଡିକ ହେଲା:
    - ସମ୍ବଲପୁର – ଜରପଡା ୩ୟ ଓ ୪ର୍ଥ ଲାଇନ୍,
    - ଝାରସୁଗୁଡା – ସାସନ ୩ୟ ଓ ୪ର୍ଥ ଲାଇନ୍

# ବିମାନ ଚଳାଚଳ

# ନିର୍ଦ୍ଦେଶାଳୟ

୧

## ୭. ବିମାନ ଚଳାଚଳ ନିର୍ଦ୍ଦେଶାଳୟ

### ୭.୧. ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନ ବନ୍ଦର (SJIA):

ପୁରୀରେ ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ପାଇଁ 'ଗ୍ରୀନଫିଲ୍ଡ ଏୟାରପୋର୍ଟ ଷ୍ଟିଅରିଂ କମିଟି' ତାର ୩୯ତମ ବୈଠକରେ କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟକୁ ମଞ୍ଜୁରୀ ଦେବା ପାଇଁ ସୁପାରିଶ କରିଛନ୍ତି। ଏଥିପାଇଁ ଆବଶ୍ୟକ ଅନ୍ୟାନ୍ୟ ସମସ୍ତ ସରକାରୀ ଅନୁମତି ପ୍ରକ୍ରିୟା ଜାରି ରହିଛି।

### ୭.୨. ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ MRO ସୁବିଧା:

ବିମାନ ଚଳାଚଳ ଭିତ୍ତିଭୂମିକୁ ମଜବୁତ କରିବା ଏବଂ ବୈଷୟିକ ଦକ୍ଷତା ବଢ଼ାଇବା ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଏକ ମୁଖ୍ୟ ମେଣ୍ଟେନାନ୍ସ, ରିପ୍ୟାର୍ ଏବଂ ଓଭରହଲ୍ (MRO) କେନ୍ଦ୍ର ସ୍ଥାପନ ପାଇଁ ମେସର୍ସ ଏୟାର ୱାର୍କସ ଇଣ୍ଡିଆ (ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡକୁ ଜମି ହସ୍ତାନ୍ତର କରାଯାଇଛି। ଏହି କେନ୍ଦ୍ରଟି ପୂର୍ବ ଭାରତର ସବୁଠାରୁ ବଡ଼ MRO ହବ୍ ହେବାର ଲକ୍ଷ୍ୟ ରଖିଛି, ଯାହା ବିମାନ ମରାମତି ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳତା କମାଇବ। ଏହାଦ୍ୱାରା ବିମାନ ଚଳାଚଳ ଇଞ୍ଜିନିୟରିଂ ଏବଂ ବୈଷୟିକ କ୍ଷେତ୍ରରେ ୧୦୦ଟି ପ୍ରତ୍ୟକ୍ଷ ଉଚ୍ଚ-କୁଶଳୀ ନିଯୁକ୍ତି ସୃଷ୍ଟି ହେବ। ଏହା ସହିତ ସହାୟକ ସେବା, ଲଜିଷ୍ଟିକ୍ସ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ମାଧ୍ୟମରେ ୬୦୦ରୁ ଅଧିକ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ।

### ୭.୩. 'ବି-ମାନ' (B-MAAN) ଯୋଜନାର ଶୁଭାରମ୍ଭ:

ଓଡ଼ିଶା ସରକାର 'ବି-ମାନ' (B-MAAN - Building and Management of Aviation Assets and Network) ଭଳି ସାମଗ୍ରିକ ଯୋଜନା ଆରମ୍ଭ କରିଛନ୍ତି, ଯାହା ରାଜ୍ୟର ବିମାନ ଚଳାଚଳ କ୍ଷେତ୍ରର ସମ୍ପୂର୍ଣ୍ଣ ଏବଂ ସମନ୍ୱିତ ବିକାଶ ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ପାଇଁ ୨୦୨୫ରୁ ୨୦୩୦ ମସିହା ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ୪,୧୮୨ କୋଟି ଟଙ୍କାର ଏକ ବଜେଟ୍ ବ୍ୟବସ୍ଥା କରାଯାଇଛି। ଏହା ମୁଖ୍ୟତଃ ଭିତ୍ତିଭୂମିର ଉନ୍ନତି, ବିମାନ ବନ୍ଦରଗୁଡ଼ିକର ଆଧୁନିକୀକରଣ, ବିମାନ ଯୋଗାଯୋଗ ବ୍ୟବସ୍ଥା, ବିମାନ ଚଳାଚଳ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ସ୍ତରରେ ବିମାନ ସେବାକୁ ପ୍ରୋତ୍ସାହନ ଦେବା ଉପରେ ଧ୍ୟାନ ଦେଉଛି। 'ବି-ମାନ' ଯୋଜନାର ମୂଳ ଲକ୍ଷ୍ୟ ହେଉଛି ରାଜ୍ୟର ପଛୁଆ ଏବଂ ଦୂରଦୂରାନ୍ତ ଅଞ୍ଚଳଗୁଡ଼ିକ ସମେତ ସାରା ଓଡ଼ିଶାରେ ସମସ୍ତଙ୍କ ପାଇଁ ବିମାନ ସେବାକୁ ସହଜ ଏବଂ ସମାନ ଭାବେ ଉପଲବ୍ଧ କରାଇବା।

### ୭.୪. ହେଲିପୋର୍ଟ ବିକାଶ:

ଯେଉଁ ଜିଲ୍ଲାଗୁଡ଼ିକରେ ବିମାନ ସେବା ପାଇଁ କୌଣସି ସୁବିଧା ନାହିଁ, ସେଠାରେ ବିପର୍ଯ୍ୟୟ ପରିଚାଳନା ଏବଂ ପର୍ଯ୍ୟଟନକୁ ବଢ଼ାଇବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ରାଜ୍ୟର ୧୫ଟି ସ୍ଥାନରେ ହେଲିପୋର୍ଟ ତିଆରି କରିବା ପାଇଁ ମେସର୍ସ ପବନ ହଂସ ଲିମିଟେଡକୁ କାମ ଦିଆଯାଇଛି। ଏହାଦ୍ୱାରା ରାଜ୍ୟରେ "ହେଲି ପର୍ଯ୍ୟଟନ" ବା ହେଲିକପ୍ଟର ମାଧ୍ୟମରେ ବୁଲାବୁଲି କରିବା ସୁବିଧା ବଢ଼ିବ ଏବଂ କୌଣସି ପ୍ରାକୃତିକ ବିପତ୍ତି ସମୟରେ ଲୋକଙ୍କୁ ଉଦ୍ଧାର କରିବାରେ ଏହା ବହୁତ ସାହାଯ୍ୟ କରିବ।

## ୭.୫ . ମୟୂରଭଞ୍ଜ ଜିଲ୍ଲାରେ ପାଇଲଟ୍ ତାଲିମ କେନ୍ଦ୍ର ପ୍ରତିଷ୍ଠା:

ବିମାନ ଚଳାଚଳ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ପାଇଲଟମାନଙ୍କ ସଂଖ୍ୟା ବଢ଼ାଇବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଦଣ୍ଡବୋଷ ଏୟାରଷ୍ଟ୍ରିପ୍‌ଠାରେ ଏକ ଫ୍ଲାଇଟ୍ ଟ୍ରେନିଂ ଅର୍ଗାନାଇଜେସନ୍ (FTO) ବା ପାଇଲଟ୍ ତାଲିମ କେନ୍ଦ୍ର ଖୋଲିବା ପାଇଁ ମେସର୍ସ ଆଲକେମିଷ୍ଟ ଆଭିଏସନ୍ ପ୍ରାଇଭେଟ ଲିମିଟେଡକୁ ଅନୁମତି ପତ୍ର ଦିଆଯାଇଛି। ଏହି କେନ୍ଦ୍ରର ଲକ୍ଷ୍ୟ ହେଉଛି ପ୍ରତିବର୍ଷ ୫୦ ଜଣ ଲାଇସେନ୍ସପ୍ରାପ୍ତ ପାଇଲଟ୍ ପ୍ରସ୍ତୁତ କରିବା, ଯାହାଦ୍ୱାରା ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ଦକ୍ଷ ପାଇଲଟଙ୍କ ଚାହିଦା ପୂରଣ ହୋଇପାରିବ। ଏହା ସ୍ଥାନୀୟ ଅଞ୍ଚଳର ପିଲାଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଆଗକୁ ଆଣିବ ଏବଂ ଭବିଷ୍ୟତ ପାଇଁ ଅନେକ ଦକ୍ଷ ଯୁବକଯୁବତୀଙ୍କୁ ଏହି କ୍ଷେତ୍ରରେ କାମ କରିବାକୁ ସୁଯୋଗ ଦେବ।

## ୭.୬ . ବ୍ରହ୍ମପୁର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ଠାରେ ଓଡ଼ିଶାର ପ୍ରଥମ ୟୁଏଭି (ଡ୍ରୋନ୍) ତାଲିମ ଏବଂ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା:

ଖଣି, କୃଷି, ବିପର୍ଯ୍ୟୟ ପରିଚାଳନା ଏବଂ ପରିବହନ (ଲଜିଷ୍ଟିକ୍ସ) ଭଳି କ୍ଷେତ୍ରରେ ଡ୍ରୋନ୍ ବୈଷୟିକ ଜ୍ଞାନକୌଶଳର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବ୍ରହ୍ମପୁରର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ଠାରେ ଏକ ୟୁଏଭି (UAV) ତାଲିମ ଏବଂ ପରୀକ୍ଷଣ କେନ୍ଦ୍ର ସ୍ଥାପନ କରିବା ପାଇଁ ମେସର୍ସ ବନ୍‌ଭି ଏରୋ ପ୍ରାଇଭେଟ ଲିମିଟେଡକୁ କାମ ଦିଆଯାଇଛି। ଓଡ଼ିଶାରେ ଏହା ପ୍ରଥମ ଉତ୍ସର୍ଗୀକୃତ ୟୁଏଭି କେନ୍ଦ୍ର ହେବ, ଯେଉଁଠାରେ ଉଚ୍ଚମାନର ତାଲିମ, ପ୍ରମାଣପତ୍ର ଏବଂ ଡ୍ରୋନ୍ ଚଳାଚଳର ପରୀକ୍ଷଣ ପାଇଁ ସୁବିଧା ମିଳିବ। ଏହି ସଂସ୍ଥା ପ୍ରତିବର୍ଷ ୧୦୦ରୁ ଅଧିକ ଡ୍ରୋନ୍ ପାଇଲଟଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖିଛି, ଯାହାଦ୍ୱାରା ଏହି କ୍ଷେତ୍ର ପାଇଁ ଦକ୍ଷ ପିଢ଼ି ପ୍ରସ୍ତୁତ ହୋଇପାରିବେ।

## ୭.୭. 'ୱିଙ୍ଗସ୍ ଇଣ୍ଡିଆ ୨୦୨୬'ରେ ଓଡ଼ିଶାର ଭବିଷ୍ୟତ ଲକ୍ଷ୍ୟ; ମହିଳା ନେତୃତ୍ୱ ଏବଂ ଦକ୍ଷତା ଭିତ୍ତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ:



ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଓଡ଼ିଶାର ବଢୁଥିବା ଭୂମିକାକୁ ପ୍ରଦର୍ଶିତ କରିବା ପାଇଁ ରାଜ୍ୟ ସରକାର ଏସିଆର ସବୁଠାରୁ ବଡ଼ ବେସାମରିକ ବିମାନ ଚଳାଚଳ କାର୍ଯ୍ୟକ୍ରମ 'ୱିଙ୍ଗସ୍ ଇଣ୍ଡିଆ ୨୦୨୬'ରେ ଭାଗ ନେଇଥିଲେ। ହାଇଦ୍ରାବାଦରେ ଜାନୁଆରୀ ୨୮ରୁ ୩୧ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ 'ଓଡ଼ିଶା ଟେକ୍ସ ଫ୍ଲାଇଟ୍' (Odisha Takes Flight) ବିଷୟବସ୍ତୁକୁ ନେଇ ଏକ ସ୍ୱତନ୍ତ୍ର ପ୍ୟାଭିଲିୟନ୍ ପ୍ରଦର୍ଶିତ ହୋଇଥିଲା। ଏହି ଷ୍ଟଲ୍ ମାଧ୍ୟମରେ ଓଡ଼ିଶା କିପରି ଉନ୍ନତ ନୀତି, ଆଞ୍ଚଳିକ ଓ ଆନ୍ତର୍ଜାତୀୟ ବିମାନ ଯୋଗାଯୋଗର ସମ୍ପ୍ରସାରଣ, ଦକ୍ଷତା ବିକାଶ ଏବଂ ଭିତ୍ତିଭୂମି ଯୋଜନା ଦ୍ୱାରା ଏକ ପୁଞ୍ଜିନିବେଶ ଅନୁକୂଳ ପରିବେଶ ତିଆରି କରୁଛି, ସେ ସମ୍ପର୍କରେ ଦର୍ଶକମାନେ ଅନୁଭବ କରିଥିଲେ।

ଏହି ପ୍ୟାଭିଲିୟନ୍‌ରେ ଓଡ଼ିଶାର 'ସମସ୍ତଙ୍କ ପାଇଁ ବିମାନ ସେବା' (Aviation for All) ଲକ୍ଷ୍ୟକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ବିମାନ ବନ୍ଦରର ବିକାଶ, ବିମାନ ଚଳାଚଳ ତାଲିମ, ଡ୍ରୋନ୍ ବ୍ୟବସ୍ଥା, MRO (ମରାମତି ଓ ରକ୍ଷଣାବେକ୍ଷଣ) କ୍ଷେତ୍ରରେ ଥିବା ସୁଯୋଗ ଏବଂ ମାନବ ସମ୍ବଳ ବିକାଶ ବିଷୟରେ ଦର୍ଶାଯାଇଥିଲା। ଏହି ସମସ୍ତ ପ୍ରୟାସ ରାଜ୍ୟର ଆଗାମୀ ଯୋଜନା 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭' ସହିତ ଜଡ଼ିତ।




ଏହା ବ୍ୟତୀତ, ରାଜ୍ୟର ଅଂଶଗ୍ରହଣକୁ ଆହୁରି ମଜବୁତ କରିବା ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ 'ୱିମେନ୍ ଇନ୍ ଆଭିଏସନ୍' (ବିମାନ ଚଳାଚଳ କ୍ଷେତ୍ରରେ ମହିଳା) ଆଲୋଚନା ଚକ୍ରରେ ଜଣେ ସଦସ୍ୟ ଭାବେ ଯୋଗ ଦେଇଥିଲେ। ଏହି ଆଲୋଚନା ସମୟରେ ଶ୍ରୀମତୀ ପାଢ଼ୀ ବିମାନ ଚଳାଚଳ କ୍ଷେତ୍ରରେ ମହିଳାମାନଙ୍କ ନେତୃତ୍ୱ ଏବଂ ସେମାନଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ପାଇଁ ଓଡ଼ିଶାର ପ୍ରତିବଦ୍ଧତା ବିଷୟରେ ଦୋହରାଇଥିଲେ।

ଶ୍ରୀମତୀ ଉଷା ପାଢ଼ୀ ଏହା ମଧ୍ୟ କହିଥିଲେ ଯେ, ପିଲାଦିନୁ ଏବଂ କ୍ୟାରିୟରର ପ୍ରଥମ ଅବସ୍ଥାରୁ ଝିଅମାନଙ୍କୁ ବିମାନ ଚଳାଚଳ କ୍ଷେତ୍ରକୁ ଆସିବା ପାଇଁ ରାଜ୍ୟ ସରକାର ଉତ୍ସାହିତ କରୁଛନ୍ତି। ବିଭିନ୍ନ ସରକାରୀ ବିଭାଗ ଏବଂ ସଂସ୍ଥାମାନଙ୍କ ସହ ମିଶି ମହିଳାମାନଙ୍କୁ ଏହି କ୍ଷେତ୍ରରେ କାମ କରିବା ପାଇଁ ସକ୍ଷମ କରାଯାଉଛି, ଯାହାଦ୍ୱାରା ସେମାନେ ଏହି କ୍ଷେତ୍ରକୁ ଆସିପାରିବେ, ନିଜର ଉନ୍ନତି କରିପାରିବେ ଏବଂ ନେତୃତ୍ୱ ମଧ୍ୟ ନେଇପାରିବେ।

ଉପରୋକ୍ତ ଏହି ସବୁ ପଦକ୍ଷେପ ଓଡ଼ିଶାର ବିମାନ ଚଳାଚଳ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଉନ୍ନତ ବିମାନ ସେବା, ଆଧୁନିକ ଭିତ୍ତିଭୂମି, ଦକ୍ଷ କର୍ମଚାରୀ ଏବଂ ନୂତନ ଜ୍ଞାନକୌଶଳ ମାଧ୍ୟମରେ ରାଜ୍ୟ ଆଜି ଆଗକୁ ବଢ଼ୁଛି। ଏହି ସଫଳତା ଦ୍ୱାରା ଆଗାମୀ ଦିନରେ ଆର୍ଥିକ ଅଭିବୃଦ୍ଧି ହେବା ସହ ନୂଆ ନୂଆ ଚାକିରି ସୁଯୋଗ ମିଳିବ, ସ୍ଥାନୀୟ ଅଞ୍ଚଳର ବିକାଶ ହେବ ଏବଂ ଓଡ଼ିଶା ବିମାନ ଚଳାଚଳ କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବ।

## ୭.୧. ଅବୁଧାବିକୁ ପ୍ରଥମ ବିମାନ ଏବଂ କାର୍ଗୋ ବିମାନ ସେବାର ଶୁଭାରମ୍ଭ ସହ ଓଡ଼ିଶାର ବିଶ୍ୱସ୍ତରୀୟ ସମ୍ପର୍କ ବୃଦ୍ଧି



ବିଶ୍ୱ ଏବଂ ଆଞ୍ଚଳିକସ୍ତରରେ ବିମାନ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ସଫଳତା ସ୍ୱରୂପ, ଓଡ଼ିଶାରୁ ଅବୁଧାବିକୁ ପ୍ରଥମ ସିଧାସଳଖ ଆନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହୋଇଛି। ୧୨ ଜୁନ୍ ୨୦୨୫ରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିଥିଲେ।

ରାଜ୍ୟ ସରକାରଙ୍କ 'ନୂତନ ଗନ୍ତବ୍ୟ ସ୍ଥଳ ନୀତି' (New Destination Policy) ଅଧୀନରେ ଇଣ୍ଡିଗୋ ଏୟାରଲାଇନ୍ସ ଦ୍ୱାରା ପରିଚାଳିତ ଏହି ବ୍ୟବସ୍ଥିତ ମାର୍ଗ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ସହ ପର୍ଯ୍ୟଟନ, ବ୍ୟବସାୟ ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ଆହୁରି ବଢ଼ାଇବ ବୋଲି ଆଶା କରାଯାଉଛି। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶାଖାପାଟଣାକୁ ଆରମ୍ଭ ହୋଇଥିବା ପ୍ରଥମ ବିମାନର ଯାତ୍ରୀମାନଙ୍କୁ ବୋର୍ଡିଂ ପାସ୍ ମଧ୍ୟ ପ୍ରଦାନ କରିଥିଲେ। ଆଞ୍ଚଳିକ ବିମାନ ସେବା ନେଟୱାର୍କକୁ ମଜବୁତ କରିବା ପାଇଁ ଏହି ନୂଆ ବିମାନ ସେବା ଆରମ୍ଭ କରାଯାଇଛି।



# ପରିବହନ କ୍ଷେତ୍ରରେ ନାରୀ ଶକ୍ତି

**ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା**

**ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସରେ ପ୍ରଜ୍ଞାପନ ମେଢ଼**



“COME HOME SAFE

ସୁରକ୍ଷିତ ଭାବରେ ଘରକୁ ଫେରନ୍ତୁ”

ବାଣିଜ୍ୟ ଓ ପରିବହନ ବିଭାଗ